ଧରିତ୍ରୀ
DHARITRI
February 3-9, 2019 ₹ 2/-


# ଛୁଟିଦିନ



# ଗାଁ ମୀମାଂସା

୪ ପ୍ରଚ୍ଛଦ ପ୍ରସଙ୍ଗ

ଏମାନେ ଅଦାଲତ, ଥାନା, କୋର୍ଟ କଚେରିକୁ ସମ୍ମାନ ଦିଅନ୍ତି। ତଥାପି ଗାଁର ନ୍ୟାୟ ନିଶାପ ପାଇଁ ଗାଁ କୋଠଘର, ଭାଗବତ ଟୁଙ୍ଗି ବା ଦୋଳମଣ୍ଡପରେ ଏକାଠି ହୁଅନ୍ତି। ଗାଁ ମୀମାଂସାକୁ ସମ୍ମାନ ଦିଅନ୍ତି, ଯାହା ଗାଁ ର ଭାଇଚାରାକୁ ସୁଦୃଢ଼ କରିଥାଏ...



୧୩ ସହରଠୁ ଦୂର





୮/୯ ସିନେମା

# ବନ୍ଧୁତା କରିବା ଏକ କଳା



* ଯଦି ଆପଣ ଚାହାନ୍ତି କାହା ସହ ବନ୍ଧୁତା କରିବା ପାଇଁ ତେବେ ନିଜ ଆଡୁ ପ୍ରଥମେ ବନ୍ଧୁତ୍ୱର ହାତ ବଢାନ୍ତୁ।
* ଯଦି କାହା ସହ ପ୍ରଥମ ଥର ପାଇଁ ମିଶୁଛନ୍ତି ତାଙ୍କୁ ଧ୍ୟାନର ସହ ଶୁଣନ୍ତୁ ସେ କ'ଣ କହିବା ପାଇଁ ଚାହୁଁଛନ୍ତି।
* ଅନ୍ୟମାନଙ୍କ ସଙ୍ଗେ ବନ୍ଧୁତା କରିବାର ସବୁଠାରୁ ସହଜ ଉପାୟ ହେଉଛି ତାଙ୍କୁ ଭଲ ବ୍ୟବହାର ଦେଖାନ୍ତୁ।
* ଆପଣଙ୍କ ସହକର୍ମଚାରୀ, ପଡୋଶୀମାନଙ୍କୁ ଘରର ଶୁଭ କାର୍ଯ୍ୟରେ ଅବଶ୍ୟ ଆମନ୍ତ୍ରଣ କରନ୍ତୁ।
* ଦୂରରେ ଥିବା ସାଙ୍ଗମାନଙ୍କୁ ଉଚିତ ବ୍ୟବଧାନରେ ଫୋନ କରନ୍ତୁ କିମ୍ବା ସୋସିଆଲ ମିଡିଆ ମାଧ୍ୟମରେ ଯୋଡି ରୁହନ୍ତୁ।
* ବନ୍ଧୁମାନଙ୍କ ବିଶେଷ ଦିବସ ଯଥା ଜନ୍ମଦିନ, ବିବାହ ବାର୍ଷିକରେ ଶୁଭକାମନା ଜଣେଇବା ପାଇଁ ଆଦୌ ଭୁଲନ୍ତୁ ନାହିଁ।
* ସାଙ୍ଗମାନଙ୍କ ଉତ୍ତମ କାର୍ଯ୍ୟ ଲାଗି ତାଙ୍କର ପ୍ରଶଂସା ଅବଶ୍ୟ କରନ୍ତୁ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଫେବୃୟାରୀ ୩-୯

**ମେଷ**
ଭାଗ୍ୟ ଭାବରେ ଶନି ଓ ଚନ୍ଦ୍ର ହେତୁ ସୌଭାଗ୍ୟପ୍ରାପ୍ତି। କର୍ମକ୍ଷେତ୍ରରେ ପ୍ରତିଷ୍ଠା, ବାଣିଜ୍ୟରେ ଉନ୍ନତି, ଯାତ୍ରାରେ ଦ୍ୱନ୍ଦ୍ୱ, ଅର୍ଥ ସାହାଯ୍ୟ ପାଇବେ, ଦୂରଯାତ୍ରା ପାଇଁ ପ୍ରସ୍ତୁତି। ଗୁରୁକ୍ଷେତ୍ରସ୍ଥ ମଙ୍ଗଳ ଯୋଗୁ ଶାରୀରିକ ସୁସ୍ଥତା ଫେରି ପାଇବେ, କଳାପ୍ରିୟ ହେବେ।

**ବୃଷ**
ଗୁରୁଦୃଷ୍ଟିରୁ ଧର୍ମକାର୍ଯ୍ୟ, ଅତିଥିସେବାର ସୁଯୋଗ, ପଡ଼ୋଶୀ ଭୁଲ୍ ବୁଝିପାରନ୍ତି, ବ୍ୟବସାୟରେ ଲାଭବାନ ହେବେ, ମଙ୍ଗଳ ପ୍ରଭାବରୁ ଆନୁଷ୍ଠାନିକ କାମରେ ପ୍ରଶଂସା, ଆୟ ତୁଳନାରେ ବ୍ୟୟ ବୃଦ୍ଧି, ଶୁଭଖବର ପ୍ରାପ୍ତି।

**ମିଥୁନ**
ରାହୁ ଯୋଗୁ ଧନହାନି,ସ୍ୱାସ୍ଥ୍ୟରେ ଉନ୍ନତି, ସପ୍ତମ ଶନିରୁ ଭ୍ରମଣ ହେତୁକ ମନସ୍ତାପ, କର୍ମକ୍ଷେତ୍ରରେ ଆଶାବାଦୀ ହେବେ। କଳା, ସାହିତ୍ୟରେ ଉନ୍ନତି, ନିର୍ଭରଶୀଳ ହୋଇପାରନ୍ତି, ବନ୍ଧୁମିଳନ, ଯାନ୍ତ୍ରିକଦ୍ରବ୍ୟ କ୍ରୟ କରିବେ ।

**କର୍କଟ**
ବୃହସ୍ପତି ଯୋଗୁ ପରୋକ୍ଷ ଶତ୍ରୁତାରୁ କାର୍ଯ୍ୟହାନି, ଅର୍ଥ ଲାଭ ଅବଶ୍ୟମ୍ଭାବୀ। ଅସାବଧାନତାରୁ ଦ୍ରବ୍ୟ ନଷ୍ଟ, ଖର୍ଚ୍ଚାନ୍ତ ହେବେ। ସହକର୍ମୀଙ୍କ ସହଯୋଗ ମିଳି ନ ପାରେ। କଚେରି ମାମଲାରେ ବିଜୟ,ପାରିବାରିକ ଅଶାନ୍ତି ।

**ସିଂହ**
ରବିଙ୍କ ପ୍ରଭାବରୁ ସ୍ୱାସ୍ଥ୍ୟହାନି, ସରକାରୀ ଚାପ, ବନ୍ଧୁମିଳନ, କର୍ମକ୍ଷେତ୍ରରେ ସମସ୍ୟା, ଅଭିଯୋଗ ଆସିପାରେ, ବୁଝାମଣା ନେଇ ତିକ୍ତତା, ଧର୍ମକାର୍ଯ୍ୟ ପାଇଁ ପ୍ରେରଣା, ସାହିତ୍ୟ, ସାମ୍ବାଦିକତାରୁ ଗୌରବ ବୃଦ୍ଧି।

**କନ୍ୟା**
ବୁଧଙ୍କ ଦୋଷରୁ ବନ୍ଧୁସମ୍ପର୍କ ହ୍ରାସ, ବିଶିଷ୍ଟବ୍ୟକ୍ତିଙ୍କ ସହ କଳହ, ଟେନସନ୍ ବଢ଼ିବ। ତୀର୍ଥାଟନ କଥା ଚିନ୍ତା କରିପାରନ୍ତି, ବ୍ୟବସାୟରେ ସଫଳତା, ଆମୋଦପ୍ରମୋଦର ମଉକା, କ୍ରୀଡ଼ା, ଚଳଚ୍ଚିତ୍ରରେ ପ୍ରଶଂସା, ବାଣିଜ୍ୟର ଅଭିବୃଦ୍ଧି।

**ତୁଳା**
ଶୁକ୍ରଙ୍କ ଦ୍ୱାରା ସୁଖ, ସମ୍ମାନ, ସଙ୍ଗୀତରେ ଅଭିରୁଚି, ଦୂରଯାତ୍ରା କରିବେ, ଅନିଦ୍ରାଜନିତ କ୍ଳେଶ ଭୋଗିବେ। ବନ୍ଧୁବର୍ଗଙ୍କ ସହାନୁଭୂତି, ଲକ୍ଷ୍ୟ ହାସଲ କରିବେ। ଅର୍ଥର ଆବଶ୍ୟକତା ପଡ଼ିପାରେ, କଚେରି ମାମଲାରେ ସଫଳତା, ରାଜନୀତିରେ ଦ୍ୱନ୍ଦ୍ୱ।

**ବିଛା**
ଧନସ୍ଥ ଶନିରୁ ଧନହାନି, ବୁଦ୍ଧିଜୀବୀଙ୍କ ଦ୍ୱାରା ସମ୍ମାନିତ ହେବେ। ଘରୋଇ କଳହରୁ ଅଶାନ୍ତି, ବନ୍ଧୁ ସହଯୋଗରେ ଅର୍ଥଲାଭ, କାମରେ ବିଳମ୍ବ, ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହେବ। ଅପ୍ରିୟ ସତ୍ୟ ଭାଷଣରୁ ଦ୍ୱନ୍ଦ୍ୱ, ଯାନ୍ତ୍ରିକ ତ୍ରୁଟି, ଯାତ୍ରାରେ ସଫଳତା।

**ଧନୁ**
ଶୁକ୍ର ପ୍ରଭାବରେ ଶତ୍ରୁତା, ସ୍ୱାସ୍ଥ୍ୟ ସମସ୍ୟା, ପାରିଶ୍ରମିକ ମନଲାଖି ହେବ ନାହିଁ। ପୁରାତନ ରୋଗରେ ପୀଡ଼ା ଅନୁଭବ, ସନ୍ତାନଙ୍କ ବିଶୃଙ୍ଖଳା, ଶତ୍ରୁତାରୁ କାର୍ଯ୍ୟହାନି, ପ୍ରଶାସନିକ ଦ୍ୱନ୍ଦ୍ୱ, ମିଥ୍ୟାଭିଯୋଗ ଆସିପାରେ ।

**ମକର**
ରବିଙ୍କ ଯୋଗୁ ସମସ୍ୟାଗ୍ରସ୍ତ ହେବେ, ସରକାରୀ ସ୍ତରରୁ କୈଫିୟତ ତଲବ, ବନ୍ଧୁ ଭୁଲ୍ ବୁଝିବେ, ଦୂରସ୍ଥାନକୁ ଯାତ୍ରା। ଅପବ୍ୟୟ ସୀମା ଟପିବ, ସ୍ୱାସ୍ଥ୍ୟରେ ସମସ୍ୟା, ଗୃହ ବିବାଦ ଲାଗିପାରେ। ମାଲିମକଦ୍ଦମାରେ ସଫଳତା, ସାମାଜିକ ସମ୍ମାନ।

**କୁମ୍ଭ**
ଶନିଙ୍କ ଦୃଷ୍ଟିରୁ ସୁସ୍ଥତା, ବିଜାତୀୟ ବନ୍ଧୁଙ୍କ ମିତ୍ରତା, ଯାତ୍ରାରେ ସଫଳତା, ବ୍ୟୟ ସଂକୁଚିତ ହେବ, ପାରିବାରିକ ସୌଖ୍ୟ, ସାଂସ୍କୃତିକ କାର୍ଯ୍ୟକ୍ରମରେ ସହଯୋଗ, ଭ୍ରାତୃପ୍ରୀତି ମିଳିପାରେ, ଭ୍ରମଣ ସୁଯୋଗ, ଋଣ ପରିଶୋଧ କରିବେ, ଶୁଭଖବର ପାଇବେ ।

**ମୀନ**
ମଙ୍ଗଳଙ୍କ ଯୋଗୁ ଭୂସମ୍ପତ୍ତି ଲାଭ, କର୍ମକ୍ଷେତ୍ରରେ ସମ୍ମାନ ଲାଭ, ଯାତ୍ରାରେ ସଫଳତା। ବନ୍ଧୁଙ୍କ ପ୍ରେରଣା, ରାଜକୀୟ ସମ୍ମାନ ପାଇବେ। ଦ୍ୱନ୍ଦ୍ୱର ଅବସାନ ଘଟିବ, ଆଶଙ୍କା ଦୂର ହୋଇଯିବ। ଆରୋଗ୍ୟଲାଭ, ପରୋକ୍ଷ ଶତ୍ରୁତାରୁ ମନସ୍ତାପ ।

# ଜୀବନ୍ତ କଣ୍ଢେଇ

ପୃଥିବୀରେ ଭରିରହିଛି ଅନେକ ଆଶ୍ଚର୍ଯ୍ୟ ଚକିତ ସ୍ଥାନ, ଅଜବ ଜିନିଷ ତଥା ଅଦ୍ଭୁତ ମଣିଷମାନେ। ଏହି ମଣିଷ ସବୁ ନିଜର ସଉକ ଏବଂ ଚାଲି ଚଳନ ଲାଗି ଅନ୍ୟମାନଙ୍କଠାରୁ ଭିନ୍ନ ରୂପେ ପରିଗଣିତ ହୋଇଥାନ୍ତି। ସେହିଭଳି ଜଣେ ଅଦ୍ଭୁତ ଯୁବତୀ ରୁହନ୍ତି ଆମେରିକାର ରୋଡ ଆଇଲାଣ୍ଡରେ। ୨୫ ବର୍ଷୀୟ ଜେସ୍ ସୋର୍ସ ନାମକ ଏହି ଯୁବତୀ ଜଣକ ନିଜକୁ ପରିଣତ କରିଦେଇଛନ୍ତି ଏକ କଣ୍ଢେଇ ରୂପରେ। ଏଥିପାଇଁ ସେ ନିଜ ମୁହଁରେ ପିୟରସିଙ୍ଗ କରିବା ସହ ନିଜ ଆଇବ୍ରୋକୁ ସମ୍ପୂର୍ଣ୍ଣ ଭାବେ ସେଭ୍ କରିଦେଇଛନ୍ତି। ପ୍ରତିଦିନ ସେ କଣ୍ଢେଇ ଭଳି ପୋଷାକ ପିନ୍ଧିବା ସହ ୧ରୁ ୨ ଘଣ୍ଟା ମେକ୍ଅପ୍ ନିଅନ୍ତି। ମୁହଁରେ ଗୋଲାପି ଏବଂ ନୀଳ ରଙ୍ଗର ମେକ୍ଅପ୍ ସହ ଆଖିରେ ନୀଳ ରଙ୍ଗର କଣ୍ଟାକ୍ଟ ଲେନ୍ସ ପରିଧାନ କରନ୍ତି। ଜେସ ତାଙ୍କର ଏହି ଅଜବ ସଉକ ବିଷୟରେ କୁହନ୍ତି ଯେ, 'ସମସ୍ତଙ୍କୁ ନିଜ ଇଚ୍ଛା ମୁତାବକ ବଞ୍ଚିବାର ଅଧିକାର ଅଛି। ତେଣୁ ମୁଁ ନିଜକୁ ଏହିଭଳି ସଜେଇ କଣ୍ଢେଇ ରୂପେ ବଞ୍ଚିବାରେ ଆନନ୍ଦ ପାଏ।'





# ପାଠକୀୟ

❖ବୟସରେ ସିନା ସେମାନେ ସାନ ଥିଲେ କିନ୍ତୁ ତାଙ୍କ ସ୍ୱପ୍ନ ଥିଲା ଖୁବ୍ ବଡ଼। ସେମାନେ ଦେଖୁଥିଲେ ଗୋଟିଏ ସ୍ୱପ୍ନ। ଦେଶ ସ୍ୱାଧୀନ ହେବାର। କିଏ ବୁଝୁଥିଲେ ଆଉ କିଏ ବୁଝୁ ନ ଥିଲେ। କିନ୍ତୁ ଅପେକ୍ଷା ଥିଲା ଗୋଟିଏ ଦିନକୁ। କେଉଁ ଦିନ ଆମ ଦେଶ ସ୍ୱାଧୀନ ହେବ। ଶେଷରେ ସେ ଦିନ, ସେ ମୁହୂର୍ତ୍ତ ଆସିଲା। ଯାହା ସେମାନେ ଶୁଣିବାକୁ ଅପେକ୍ଷା କରି ରହିଥିଲେ। ତେବେ କେମିତି ଥିଲା ସେଦିନର ଅନୁଭବ ଆଉ ଅନୁଭୂତି, ଯାହାକୁ ନେଇ ଉପସ୍ଥାପନା କରାଯାଇଥିଲା ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ସ୍ୱାଧୀନତାର ସେଇଦିନ'। ଏହା ଏକ ହୃଦୟସ୍ପର୍ଶୀ ଆଲେଖ୍ୟ ଥିଲା। ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ 'ଟ୍ରାଇ କଲର ଇୟର ରିଂ' ସମ୍ପର୍କରେ ଅନେକ ନୂଆ କଥା ଜାଣିବାକୁ ମିଳିଲା।

*–ଅନିନ୍ଦିତା ମହାପାତ୍ର, ରେଲୱେ କଲୋନୀ, ପୁରୀ*

❖ଉକ୍ତ ସଂଖ୍ୟାର ଛୁଟିଦିନରେ ପ୍ରକାଶିତ ପ୍ରଚ୍ଛଦ ପ୍ରସଙ୍ଗ 'ସ୍ୱାଧୀନତାର ସେଇଦିନ' ପଢିଲା ପରେ ଏକ ନିଆରା ଅନୁଭୂତି ମିଳିଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ ବ୍ୟଙ୍ଗ ନାଟ୍ୟକାର ଡାରିଓ ଫୋଙ୍କ ଜୀବନୀ ବିଷୟରେ ଅନେକ ନୂଆ କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ସେହିପରି ସୃଜନ ପୃଷ୍ଠାରୁ 'ଛୁରାଘାତ' ନାମକ ଗପଟି ପଢିଲି, ବେଶ୍ ହୃଦୟସ୍ପର୍ଶୀ ଥିଲା ଏହି ଲେଖାଟି।

*–ରାକେଶ ବରାଳ, ବଡ଼ ବଜାର, ଜଗତ୍‌ସିଂହପୁର*

❖ସିନେମା ପୃଷ୍ଠାରେ ସ୍ଥାନିତ 'ନମ୍ରତାଙ୍କ ମନକଥା', 'ସୋନମ୍‌ଙ୍କ ପରେ ରିୟା' ଏବଂ 'ଏଥର ବରୁଣ–ସାରା ଯୋଡି' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ବେଶ୍ ଉଚ୍ଚକୋଟୀର ହୋଇଥିଲା। ପ୍ରଥମ ରୋଜଗାର ସ୍ତମ୍ଭରୁ ତବଲା ତଥା ସରୋଦ ବାଦକ ଡ. ସନ୍ଦୀପ ରାଉତଙ୍କ ରୋଜଗାର ସମ୍ପର୍କିତ ଲେଖାଟି ମୋ ମନକୁ ବେଶ୍ ଛୁଇଁଥିଲା। ସଂସ୍କୃତ ଗାଁ ମତ୍ତୁର ଏକ ନିଆରା ଆଲେଖ୍ୟ ଥିଲା ଏଥର ଛୁଟିଦିନର।

*–ମନସ୍ୱିନୀ ଶତପଥୀ, କେନ୍ଦୁଝର*

❖ମଡେଲ୍ ମିରର୍‌ରେ ସିଦ୍ଧାର୍ଥ ବେଶ୍ ହ୍ୟାଣ୍ଡସମ୍ ଲାଗୁଥିଲେ। ସତ୍ୟାଗ୍ରହର ଜନ୍ମସ୍ଥଳୀ 'ଚମ୍ପାରଣ' ବିଷୟରେ ସହର ପୃଷ୍ଠାରୁ ପଢିଲି, ସତରେ ଏହି ସ୍ଥାନଟିର ଇତିହାସ ନିଜ ଭିତରେ ଅନେକ ଗୁରୁତ୍ୱପୂର୍ଣ୍ଣ ଘଟଣାବଳୀକୁ ସାଇତି ରଖିଥିବାରୁ ଏଠାକୁ ବୁଲିଯିବାକୁ ମନ ନିଶ୍ଚୟ ଚାହିଁବ। କାର୍ଟୁନ କର୍ନରଟି ବେଶ୍ ହସର ଖୋରାକ ଯୋଗାଇଛି।

*–ରିଙ୍କି ପ୍ରଧାନ, ସୋର, ବାଲେଶ୍ୱର*

❖ଯାତ୍ରା ପୃଷ୍ଠାଟି ମୋତେ ବହୁତ ଭଲ ଲାଗୁଛି। ସେହିପରି ବ୍ୟାକ୍‌ପେଜ୍‌ରେ ସ୍ଥାନିତ '୩.୭୮ କୋଟିର ଲିପ୍ ଆର୍ଟ' ଏବଂ 'ଘୋଡ଼ା ଶରୀର ସାଜିଲା କାନ୍‌ଭାସ୍' ଆଦି ପାଠର ସମସ୍ତ ଫଟୋଗୁଡ଼ିକ ବେଶ୍ ଆକର୍ଷଣୀୟ ଥିଲା।

*–ମମତା ପଟ୍ଟନାୟକ, ତାଳଚେର*

## ବିଶେଷ ଚିଠି




ଜ୍ଞାନର ଦର୍ପଣ ଛୁଟିଦିନ ସିନା
ଝଲସଇ ପ୍ରତିବିମ୍ବ
ପାଠକ ପାଠିକା ପାଇଣ ଦର୍ଶନ
ମନେ ବହନ୍ତି ଆନନ୍ଦ।
ପ୍ରଚ୍ଛଦ ଗରିମା ଶବ୍ଦ ସଂଯୋଜନା
ସାଥୀର ହାଲଚାଲ
ବିବିଧା ସୃଜନ ବ୍ୟକ୍ତିତ୍ୱ ପ୍ରତିଭା
ଯାତ୍ରା ସିନେମା କମାଲ।
ସହରଠୁ ଦୂର ମଡେଲ ମିରର୍
କାର୍ଟୁନ କର୍ନର ଯଥା
ହସ କଥା ପଢି ପେଟ ଭରିଯାଏ
ମନରୁ ତୁଟଇ ବ୍ୟଥା।

**–ଦୀକ୍ଷା ପରିଡ଼ା, ବାଲିପଡା, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡା**

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ–ମେଲ୍ ଠିକଣା: chhutidinadharitri@gmail.com

# ଉଡେନ୍ ଜୁଏଲେରି





ସାଧାରଣତଃ କାଠରେ ତିଆରି ଜୁଏଲେରିକୁ ଉଡେନ୍ ଜୁଏଲେରି କୁହାଯାଇଥାଏ। କାଠକୁ ଭିନ୍ନ ଭିନ୍ନ ସେପ୍‌ରେ କାଟି, ପରେ ତାକୁ ପଲିସ୍ କରି ବିଭିନ୍ନ ପ୍ରକାର ଜୁଏଲେରି ତିଆରି କରାଯାଇଥାଏ, ଯାହା ଦେଖିବାକୁ ବେଶ୍ ଆକର୍ଷଣୀୟ ଲାଗିଥାଏ। ଆଜିର ଫ୍ୟାଶନ ଦୁନିଆରେ ଏଭଳି ଏକ ଜୁଏଲେରିର ଚାହିଦା ପ୍ରାୟ ସମସ୍ତଙ୍କଠାରେ ରହିଥିବା ଦେଖିବାକୁ ମିଳୁଛି। କଲେଜ ଗର୍ଲଙ୍କଠାରୁ ଆରମ୍ଭ କରି କର୍ପୋରେଟ୍ ସେକ୍ଟରରେ କାମ କରୁଥିବା ଆଧୁନିକା ମହିଳାମାନେ ବି ଏହାକୁ ବ୍ୟବହାର କରିବାକୁ ଲାଗିଲେଣି।

## ଉଡେନ୍ ଜୁଏଲେରିର ପ୍ରକାର ଭେଦ

କାଠରେ ତିଆରି ଏହି ଜୁଏଲେରିର ଏବେ ଅନେକ ଆକର୍ଷଣୀୟ ଡିଜାଇନ୍ ଆସୁଛି। କାନରେ ପିନ୍ଧିବା ପାଇଁ ଭିନ୍ନ ଭିନ୍ନ ଡିଜାଇନ୍‌ର ଉଡେନ୍ ଟପ୍ସ, ଝୁମ୍‌କାର ଚାହିଦା ଯୁବତୀମାନଙ୍କ ମଧ୍ୟରେ ଖୁବ୍ ରହିଛି। ସେହିପରି ଉଡେନ୍ ନେକ୍‌ଲେସ୍, ଫିଙ୍ଗର୍ ରିଂ, ବ୍ରେସ୍‌ଲେଟ୍ କିମ୍ବା ଚୁଡ଼ିର ମଧ୍ୟ ନୂଆ ନୂଆ ଡିଜାଇନ୍ ଆସୁଛି, ଯାହାକୁ ଟ୍ରାଏ କରି ଡିଫରେଣ୍ଟ ଲୁକ୍ ପାଇ ହେଉଛି।

**ଉଡେନ୍ ଟପ୍ସ କିମ୍ବା ଝୁମ୍‌କା:** ଏହାକୁ ସାଲୱାର୍ ହେଉ କିମ୍ବା ଜିନ୍ସ ଅବା ପାରମ୍ପରିକ ଶାଢ଼ି ସହ ପେୟାର୍ କରି ପିନ୍ଧିଲେ ବେଶ୍ ଭଲ ମାନିଥାଏ। ଏପରିକି ଅଫିସ୍‌କୁ ମଧ୍ୟ ଏହାକୁ ପିନ୍ଧିକି ଯାଇପାରିବେ।

**ଉଡେନ୍ ନେକ୍‌ଲେସ୍:** ଜିନ୍ସ ସହ ପିନ୍ଧିବା ପାଇଁ ତ୍ରିଭୁଜାକାର କିମ୍ବା ଅନ୍ୟ କୌଣସି ସେପ୍‌ର ସରୁ ଉଡେନ୍ ନେକ୍‌ଲେସ୍ ବେଶ୍ ଭଲ ମାନିଥାଏ। କିନ୍ତୁ ଶାଢ଼ିରେ ଟିକେ ବଡ଼ ସେପ୍‌ର ଗୋଲାକାର ଉଡେନ୍ ନେକ୍‌ଲେସ୍ ପିନ୍ଧିଲେ ଷ୍ଟାଇଲିଶ୍ ଲୁକ୍ ମିଳେ।


**ଉଡେନ୍ ଫିଙ୍ଗର୍ ରିଂ, ବ୍ରେସ୍‌ଲେଟ୍ କିମ୍ବା ଚୁଡ଼ି:** ଏହାକୁ ମଧ୍ୟ ଉଭୟ ଟ୍ରାଡିସ୍‌ନାଲ୍ ଏବଂ ମଡର୍ନ ଆଉଟ୍‌ଫିଟ୍ ସହ ଟ୍ରାଏ କରିହେବ। ଖାସ୍ କରି ଜିନ୍ସ ଓ ଟି-ସର୍ଟ କିମ୍ବା ସର୍ଟ୍ସ ସହ ଉଡେନ୍ ବ୍ରେସ୍‌ଲେଟ୍ ବେଶ୍ ଭଲ ମାନିଥାଏ।

## ବସ୍ତର ଉଡେନ୍ ଜୁଏଲେରିର କଥା ନିଆରା

ଛତିଶଗଡ଼ର ଏକ ଜିଲା ହେଉଛି ବସ୍ତର। ବନ୍ୟ ସମ୍ପଦରେ ଭରା ବସ୍ତରରେ ଅନେକ ଆଦିବାସୀ ସମ୍ପ୍ରଦାୟର ଲୋକେ ବସବାସ କରିଥାନ୍ତି, ଯେଉଁମାନେ ବିଭିନ୍ନ ପ୍ରକାର ହସ୍ତଶିଳ୍ପ ଗଢ଼ିବାରେ ବେଶ୍ ନିପୁଣ। ଖାସ୍ କରି ସେମାନଙ୍କ ଦ୍ୱାରା ପ୍ରସ୍ତୁତ ଉଡେନ୍ ବା କାଠର ଆଭୂଷଣର ଚାହିଦା ଦେଶ ବିଦେଶରେ ଖୁବ୍ ରହିଛି। ଏହି କଳା ସେମାନେ ବଂଶାନୁକ୍ରମିକ ଭାବେ କାହିଁ କେଉଁ କାଳରୁ କରିଆସୁଥିବା ସୂଚନା ମଧ୍ୟ ଅଛି।

*ସୁନା, ରୁପା ତଥା ଅନ୍ୟ କୌଣସି ଧାତୁରେ ତିଆରି ଜୁଏଲେରି ତ ଅନେକ ଦେଖିଥିବେ। କିନ୍ତୁ ଉଡେନ୍ ବା କାଠରେ ତିଆରି ଜୁଏଲେରିର ଆକର୍ଷଣ କିଛି ଅଲଗା। ପାରମ୍ପରିକ ପୋଷାକ ହେଉ ଅବା ମଡର୍ନ ଆଉଟ୍‌ଫିଟ୍, ସବୁଥିରେ ଏହି ଜୁଏଲେରି ବେଶ୍ ଭଲ ମାନିଥାଏ...*







# ଗାଁ ମୀମାଂସା

ନ୍ୟାୟାଳୟର ସ୍ୱତନ୍ତ୍ର କୋଠରି ଥାଏ। ଓକିଲ, ମହକିଲ ଓ ବିଚାରପତିଙ୍କ ଦରବାରରେ ମୁଦାଲା ମୁଦେଇଙ୍କ ଉପସ୍ଥିତିରେ ଭୁଲ୍‌ଠିକ୍ ବିଚାର ଚାଲେ। ଅଭିଯୋଗ ତଥ୍ୟକୁ ଭିତ୍ତିକରି ସାକ୍ଷ୍ୟ ପ୍ରମାଣର ଯଥାର୍ଥ ତର୍ଜମା ହୁଏ । ବିଚାରପତିଙ୍କ ରାୟ ପ୍ରକାଶ ପାଏ। ଦୋଷୀକୁ ଦଣ୍ଡବିଧାନ ହୁଏ। ନିର୍ଦ୍ଦୋଷ ଖଲାସ ହୁଏ। କିନ୍ତୁ ଅନେକ ଘଟଣାର ତଦନ୍ତ, ହେଉହେଉ ବିଳମ୍ବ ହୋଇଥାଏ। କେତେକ ଘଟଣାର ବିଳମ୍ବ ଯୋଗୁ ନ୍ୟାୟ ପାଇବା ଆଶାୟୀଙ୍କ ମନରେ ହତୋତ୍ସାହ ବି ସୃଷ୍ଟି ହୋଇଥାଏ। ମାତ୍ର ଗାଁ ବିଚାରରେ ସମୟସୀମା କମ୍ । ଏପରି ପରମ୍ପରାକୁ ମାନୁଥିବା ଲୋକମାନେ ନ୍ୟାୟ ପାଇବା ଆଶାରେ ଆଶ୍ରିତ ହୁଅନ୍ତି ଗାଁ କୋଠଘର, ଭାଗବତ ଟୁଙ୍ଗି କିମ୍ବା ଦୋଳମଣ୍ଡପଠାରେ। ସେମାନେ ନିଜର ଭଲମନ୍ଦ ଘଟଣାକୁ ବିଚାରକରି ଆପୋସ ସମାଧାନରେ ପରସ୍ପରକୁ ଆପଣେଇବାର ପ୍ରୟାସ କରନ୍ତି । ଏହା ଗାଁର ଭାଇଚାରା ସମ୍ପର୍କକୁ ସୁଦୃଢ଼ କରିଥାଏ। ସମୟକ୍ରମେ ଗାଁର ପରିବେଶ ବଦଳୁଥିଲେ ମଧ୍ୟ ଏବେ ବି କେତେକ ଗାଁରେ ନ୍ୟାୟନିଶାପ ବସୁଥିବା ନଜିର ରହିଛି। ଏଥିପାଇଁ ସ୍ୱତନ୍ତ୍ର ସ୍ଥାନ ମଧ୍ୟ ରହିଛି ଗାଁରେ । ବିଭିନ୍ନ ଘଟଣାକୁ ସମାଧାନ କରିବାରେ ଅନେକଙ୍କ ଅନୁଭୂତି ବେଶ୍ ନିଆରା ।

ସମୟ ସହିତ ତାଳଦେଇ ଚାଲୁଥିବା ମଣିଷମାନଙ୍କର ଅନେକ କ୍ଷେତ୍ରରେ ଉନ୍ନତି ଘଟିଛି। ଦିନକୁଦିନ ଗାଁରେ ପରିବର୍ତ୍ତନ ହେଉଛି । କିନ୍ତୁ ଗାଁ ହେଉଛି ଗୋଷ୍ଠୀ ଜୀବନର ମୂଳପିଣ୍ଡ । ପ୍ରାୟ ୭୦ଶତକଡ଼ା ଲୋକ ଗାଁରେ ବାସ କରନ୍ତି । ଗ୍ରାମ୍ୟ ଜୀବନରେ ଭାଇଚାରା ଓ ସଦ୍‌ଭାବ ବଜାୟ ରଖିବାରେ ଗାଁର ଜଣାଶୁଣା ବ୍ୟକ୍ତିଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ। ମାତ୍ର ଅନେକ ସମୟରେ ଗାଁରେ ବିଭିନ୍ନ ସମସ୍ୟା ସୃଷ୍ଟିହୋଇଥାଏ। ଏଥିଯୋଗୁ ମାନବ ସମ୍ବଳ ଓ ସମୟର ଅପଚୟ ଘଟିଥାଏ। ଟିକିଏ ଟିକିଏ କଥାରେ ଥାନା କୋର୍ଟକଚେରିକୁ ଯିବା ଦ୍ୱାରା ମାଲିମକଦ୍ଦମାରେ ଅର୍ଥଶ୍ରାଦ୍ଧ ହୁଏ । ଗାଁର ବିକାଶରେ ବାଧା ଉପୁଜିଥାଏ। କିନ୍ତୁ ଗାଁର ଜଣାଶୁଣା ମୁରବି ଶ୍ରେଣୀର ଲୋକମାନଙ୍କ ଦ୍ୱାରା ଅନେକ କ୍ଷେତ୍ରରେ ସାମୂହିକ ସମସ୍ୟାର ସମାଧାନ ଲୋକାଭିମୁଖୀ ହେବା ସହିତ ଗାଁରେ ଗଢ଼ିଉଠେ ଏକ ଆଦର୍ଶ ଗ୍ରାମ୍ୟ ସଭ୍ୟତା। ଗାଁର କଳାସଂସ୍କୃତି, ଭାଇଚାରାକୁ ଏହା ସୁଦୃଢ଼ କରିଥାଏ। ଏମିତି କି ଗାଁର ଉନ୍ନତିରେ ରାଜ୍ୟ ଓ ଦେଶର ବିକାଶ ହୋଇଥାଏ।

**ଠାକୁରଙ୍କ ପୀଠରେ ପ୍ରଥମେ ବିଚାର ହୁଏ:**ନିଜ ଗାଁର ମାଟି ପାଣିପବନରେ ବଢ଼ିଥିବା ମଣିଷ ସର୍ବଦା ଚାହେଁ ଗାଁରେ ଶାନ୍ତିଶୃଙ୍ଖଳାରେ ସମସ୍ତେ ଚଳନ୍ତୁ। କିନ୍ତୁ ବିଭିନ୍ନ ସମୟରେ ଗାଁରେ ଦେଖାଦେଉଥିବା ଛୋଟବଡ଼ ବିଶୃଙ୍ଖଳା ଯୋଗୁ ଅଶାନ୍ତ ବାତାବରଣ ସୃଷ୍ଟିହୋଇଥାଏ। ଗାଁ ମଣ୍ଡପରେ ଗାଁର ମୁରବି ଶ୍ରେଣୀୟ ଲୋକଙ୍କ ଦ୍ୱାରା ଗାଁ ବିବାଦର ଆପୋସ ସମାଧାନ ପାଇଁ ପ୍ରୟାସ କରାଯାଇଥାଏ। ଏଥିପାଇଁ କେତେକ ଧର୍ମପୀଠରେ ବି ସଭା ହୁଏ। ଏମିତି ଦେଖିବାକୁ ମିଳେ ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ୍‌ର ତିତିପ ଗ୍ରାମପଞ୍ଚାୟତର ଦେଉଳପଡ଼ା ଗାଁର ଶ୍ରୀଶ୍ରୀ କମଳେଶ୍ୱରଦେବଙ୍କ ପବିତ୍ର ପୀଠରେ। ଏଠାରେ ପ୍ରତିବର୍ଷ ୬/୭ଦିନ ଧରି ପଣାଯାତ୍ରା ମହୋତ୍ସବ ପାଳିତ ହୋଇଆସୁଛି । ଶିକ୍ଷାବିତ ଅଭିମନ୍ୟୁ ଜେନା କୁହନ୍ତି, କୃଷ୍ଣପ୍ରସାଦ ଅଞ୍ଚଳର ଗାଁଗୁଡ଼ିକରେ ଗ୍ରାମ୍ୟ କମିଟି ରହିଛି। ଭଲମନ୍ଦ ବିଚାର କରାଯାଇଥାଏ। ସମସ୍ତେ ପ୍ରାୟ ଶୃଙ୍ଖଳିତ। ମାତ୍ର ପଣାଯାତ୍ରା ପରିଚାଳନା କମିଟିର ନିଷ୍ପତ୍ତିକୁ ସମ୍ପୃକ୍ତ ଗ୍ରାମବାସୀ ମାନିଥାନ୍ତି। ଏହି ବ୍ଲକର ମାଲୁଦ ପଞ୍ଚୁଦୋଳ ଯାତ୍ରା ଏବଂ ଦେଉଳଗଡ଼ ଗାଁରେ ପଣାଯାତ୍ରା ଅନୁଷ୍ଠିତ ହୋଇଥାଏ। ଏହାକୁ ସ୍ଥାନୀୟ ଲୋକେ ଶାନ୍ତିଶୃଙ୍ଖଳାର ସହିତ ପାଳନ କରିଥାନ୍ତି। ଏଠାରେ ଯାତ୍ରା କମିଟି ତରଫରୁ ଏକ ଅସ୍ଥାୟୀ ହାଜତଘର କରାଯାଇଥାଏ। କୌଣସି ଯାତ୍ରୀ କିଛି ବିଶୃଙ୍ଖଳା କଲେ ତାଙ୍କୁ ଏଠାରେ ରଖାଯାଇଥାଏ । ସ୍ଥାନୀୟ ବୁଦ୍ଧିଜୀବୀ ଓ ଯାତ୍ରା କମିଟି ସଦସ୍ୟଙ୍କ ଉପସ୍ଥିତିରେ ଆଲୋଚନା କରାଯାଇ ସମସ୍ୟାର ସମାଧାନ କରାଯାଇଥାଏ। ଯଦି କେହି ବ୍ୟକ୍ତି ସର୍ବସମ୍ମତ ନିଷ୍ପତ୍ତିକୁ ଅମାନ୍ୟ କରନ୍ତି ତେବେ ତାଙ୍କୁ ପୋଲିସକୁ ହସ୍ତାନ୍ତର କରାଯାଇଥାଏ। ୨୪ ମୌଜା ସମ୍ପାଦକ ବ୍ରଜବନ୍ଧୁ ଗୌଡ଼ କୁହନ୍ତି, ଗ୍ରାମଗୁଡ଼ିକରେ କିଛି କିଛି ଘରୋଇ , ଗୋଷ୍ଠୀ ବିଶୃଙ୍ଖଳା ହୋଇଥାଏ। ମାତ୍ର କୌଣସି ଘଟଣାରେ ହଠାତ୍ କେହି ଥାନାର ସହାୟତା ନ ନେଇ ଗ୍ରାମ୍ୟ କମିଟି ମତ ନେଇଥାନ୍ତି। ବିଚାର ପାଇଁ ଆବେଦନ କରିଥାନ୍ତି। ନିର୍ଦ୍ଧାରିତ ସମୟରେ ଗ୍ରାମ୍ୟ କମିଟି ଓ ଉଭୟ ପକ୍ଷଙ୍କ ଉପସ୍ଥିତିରେ ବିଚାର ହୋଇଥାଏ। ସର୍ବସମ୍ମତ ନିଷ୍ପତ୍ତିକ୍ରମେ ଉଭୟପକ୍ଷଙ୍କ ମତାମତ ନିଆଯାଇ ଦୋଷ କରିଥିବା ବ୍ୟକ୍ତିଙ୍କ ନିମନ୍ତେ ନିରପେକ୍ଷ ଭାବେ ରାୟ ବାହାର କରାଯାଏ । ଯଦି କେହି ନ ମାନନ୍ତି ତେବେ ଗ୍ରାମପଞ୍ଚାୟତ ପୁନର୍ବାର ୨୪ମୌଜାର ଉଚ୍ଚ କମିଟି ଜରିଆରେ ବିଚାର କରାଯାଇ ନିଷ୍ପତ୍ତି ନିଆଯାଇଥାଏ। କିନ୍ତୁ ଅନେକ ବିବାଦୀୟ ଘଟଣାର ଆପୋସ ସମାଧାନ ଯୋଗୁ ଗାଁରେ ଭାଇଚାରା ରହିଥାଏ।

**ଏମାନେ ଅଦାଲତ, ଥାନା, କୋର୍ଟ କଚେରିକୁ ସମ୍ମାନ ଦିଅନ୍ତି। ତଥାପି ଗାଁର ନ୍ୟାୟ ନିଶାପ ପାଇଁ ଗାଁ କୋଠଘର, ଭାଗବତ ଟୁଙ୍ଗି ବା ଦୋଳମଣ୍ଡପରେ ଏକାଠି ହୁଅନ୍ତି। ଗାଁ ମୀମାଂସାକୁ ସମ୍ମାନ ଦିଅନ୍ତି, ଯାହା ଗାଁ ର ଭାଇଚାରାକୁ ସୁଦୃଢ଼ କରିଥାଏ...**

**ବର୍ଷ ବର୍ଷ ଧରି ଗାଁ ମଣ୍ଡପରେ ଚାଲିଛି ସମାଧାନ :**ଗଞ୍ଜାମର ଶେରଗଡ଼ ବ୍ଲକ୍ ଅନ୍ତର୍ଗତ ମନୁପଦର ପଞ୍ଚାୟତର ଏକ ଗ୍ରାମ ଆମ୍ଭୁଆବାଡ଼ି । ପରିବାର ସଂଖ୍ୟା ୧୫୦। ଜନସଂଖ୍ୟା ପ୍ରାୟ ୬୦୦ରୁ ଅଧିକ । ଅଧିକାଂଶ ବାସିନ୍ଦା ସଂଖ୍ୟାଲଘୁ ସମ୍ପ୍ରଦାୟର। ଗ୍ରାମରେ ଗମନାଗମନାର ସୁବିଧା ରହିଛି। ପାକିଡ଼ି ପାହାଡ଼ ପ୍ରାକୃତିକ ଶୋଭାର ଭଣ୍ଡାର । ସନ୍ଧ୍ୟାବେଳେ ଏଠାରେ ମୟୂରମାନେ ବିଚରଣ କରନ୍ତି। ଏହି ଗ୍ରାମରେ କୌଣସି ବିବାଦୀୟ ଘଟଣା ପାଇଁ ଲୋକେ ଥାନାର ଦ୍ୱାରସ୍ଥ ହୋଇନାହାନ୍ତି । କିନ୍ତୁ ଗ୍ରାମରେ ବେଳେ ବେଳେ ଦେଖାଦେଉଥିବା ବିଭିନ୍ନ ପାରିବାରିକ ସମସ୍ୟା କେବଳ ଗ୍ରାମ ଲୋକଙ୍କ ଦ୍ୱାରା ସମାଧାନ ହୋଇଥାଏ। ଯଦି ଗାଁରେ କୌଣସି ବିଶୃଙ୍ଖଳା ଦେଖାଦିଏ ତେବେ ଅଭିଯୋଗ ଅନୁଯାୟୀ ଅଭିଯୋଗକାରୀ ଓ ଅଭିଯୁକ୍ତଙ୍କୁ ଗ୍ରାମର ଭଦ୍ରବ୍ୟକ୍ତିଙ୍କ ଉପସ୍ଥିତିରେ ସଭାକୁ ଡକାଯାଇଥାଏ। ପରେ ଗ୍ରାମର ସମ୍ମାନ ରକ୍ଷା ନିମନ୍ତେ ମାମଲା ଥାନାକୁ ନ ନେବା ପାଇଁ ଗ୍ରାମର ଭଦ୍ରବ୍ୟକ୍ତିଙ୍କ ପରାମର୍ଶ ନେଇଥାନ୍ତି। ସମସ୍ୟାର ଆପୋସ ସମାଧାନ ପାଇଁ ଉଭୟ ପକ୍ଷ ମାନି ନିଅନ୍ତି। ଗ୍ରାମବାସୀଙ୍କ ନିଷ୍ପତ୍ତିକୁ ସମସ୍ତେ ସମ୍ମାନ ଦିଅନ୍ତି । ମୁରଲୀ ସେଠୀ କୁହନ୍ତି, ଗାଁରେ ବର୍ଷବର୍ଷ ଧରି ବିଭିନ୍ନ ସମସ୍ୟାର ଆପୋସ ସମାଧାନ ହୋଇଆସୁଛି । ଆମେ ବହୁବର୍ଷ ଧରି ଥାନାକୁ ଯାଇନାହୁଁ। କୌଣସି ଘଟଣାର ସମାଧାନ ପରେ ଉଭୟପକ୍ଷ ଗ୍ରାମରେ ଭାଇଭାଇ ମିଶି ଚଳିଆସୁଛୁ। ଏପରି ପ୍ରଥା ଲାଗି ରହିଛି କେଉଁ କାଳରୁ । ସବୁଠାରୁ ଆଶ୍ଚର୍ଯ୍ୟର କଥା ମା' ଆମ୍ଭୁଆବାଡ଼ି କାଳୀଙ୍କୁ ଅଞ୍ଚଳର ସମସ୍ତେ ମାନନ୍ତି। ମା'ଙ୍କ ପୀଠରେ ପାଳିତ ହେଉଥିବା ମେରୁଯାତ୍ରାରେ ସମସ୍ତେ ସାମିଲ ହୁଅନ୍ତି। ଶିବରାତ୍ରି, ଅଷ୍ଟପ୍ରହର ଆଦି ପର୍ବପର୍ବାଣିରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। କୌଣସି ସମସ୍ୟା ସମାଧାନ ବେଳେ ମୁରବି ଶ୍ରେଣୀର ଲୋକମାନେ ଗ୍ରାମର କାଳୀମନ୍ଦିର ସମ୍ମୁଖରେ ବସି ସମାଧାନ କରିଥାନ୍ତି। ଏ ସମ୍ପର୍କରେ ଆମ୍ଭୁଆବାଡ଼ି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିପ୍ରଚରଣ ତ୍ରିପାଠୀ କୁହନ୍ତି, ଏହି ଗ୍ରାମର ଲୋକମାନେ ଯେକୌଣସି ଘଟଣାର ଆପୋସ ସମାଧାନ ପାଇଁ ଯେବେ ବି ମା' ଆମ୍ଭୁଆବାଡ଼ି କାଳୀଙ୍କ ମଣ୍ଡପରେ ସଭା କରନ୍ତି ତାହା ତୁରନ୍ତ ସମାଧାନ ହୋଇଯାଇଥାଏ। ଏହା ଗ୍ରାମବାସୀଙ୍କ ମନରେ ପ୍ରଗାଢ଼ ଧର୍ମବିଶ୍ୱାସ ସୃଷ୍ଟି କରିଛି। ଗ୍ରାମ ସଭାପତି →






କୁହନ୍ତି, ଆମ ଗ୍ରାମର କାଳୀ ମନ୍ଦିର ମଣ୍ଡପରେ କୌଣସି ଘଟଣାର ନିଷ୍ପତ୍ତି ପାଇଁ ଯେଉଁମାନେ ଆବେଦନ କରିଛନ୍ତି ସେମାନେ ଯେତେବେଳେ ଉକ୍ତ ମଣ୍ଡପରେ ବସନ୍ତି ସମାଧାନ ଆପେ ଆପେ ହୋଇଯାଏ। ଏ ସମ୍ପର୍କରେ ୱାର୍ଡ ସଭ୍ୟ ରମେଶ ସେଠୀ କୁହନ୍ତି, ଆମ ଗ୍ରାମର ସମ୍ମାନ ପାଇଁ ଗ୍ରାମର ସମସ୍ୟାକୁ ଗାଁ ଭିତରେ ହିଁ ସମାଧାନ କରାଯାଇଥାଏ।

**ଗାଁ ପାଇଁ ଆପୋସ ସମାଧାନ ହୁଏ:** ଦେଶ ସ୍ୱାଧୀନ ପରେ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଭାରତୀୟ ନାଗରିକମାନଙ୍କୁ ନ୍ୟାୟ ଦେବାପାଇଁ ଥାନା, କୋର୍ଟ ସ୍ଥାପନ ହୋଇଛି। ଅନ୍ୟାୟର ଶିକାର ହୋଇଥିବା ଯେକୌଣସି ନାଗରିକ ଏଠାରେ ନିଜର ଅଭିଯୋଗ ଦରଜ କରି ଆଇନଗତ ସହାୟତା ପାଇପାରିବାର ବ୍ୟବସ୍ଥା ରହିଛି। କିନ୍ତୁ ଏବେ ବି ଗାଁ ମାମଲତକାରଙ୍କ ଆପୋସ ସମାଧାନରେ ଅନେକ ଘଟଣାର ନିଷ୍ପତ୍ତି ଯୋଗୁ ଲୋକଙ୍କ ମଧ୍ୟରେ ସୁସମ୍ପର୍କ ଗଢ଼ିଉଠିଥାଏ। ଏପରିକି ଗାଁ ସମସ୍ୟାକୁ ଗାଁରେ ସମାଧାନ କରାଯାଉଥିବାରୁ ଗ୍ରାମବାସୀ ଖୁସିରେ ରୁହନ୍ତି। ସେମିତି ଏକ ଗାଁ ହେଉଛି କଟକ ସହରଠାରୁ ପ୍ରାୟ୫ କି.ମି. ଦୂର ୪୨ମୌଜା ତ୍ରିକୋଣଭୂମି (ଡେଲ୍‌ଟା) ଅଞ୍ଚଳ। ଏହାର ନାମ ବଉଳକୁଦ। କଟକ ସଦର ବ୍ଲକ୍ ଅନ୍ତର୍ଗତ ଦଧିବାମନପୁର ଗ୍ରାମପଞ୍ଚାୟତର ୨ଟି ୱାର୍ଡକୁ ନେଇ ୪୫୦ ଜନସଂଖ୍ୟା ବିଶିଷ୍ଟ ଏହି ଗ୍ରାମର ଜନସାଧାରଣ ପ୍ରାୟ କୌଣସି ମାମଲାକୁ ନେଇ ଥାନା ଓ କୋର୍ଟକୁ ଯାଆନ୍ତିନାହିଁ ବୋଲି ସ୍ୱର୍ଣ୍ଣଦେବୀ ଗ୍ରାମ କମିଟିର ସମ୍ପାଦକ ଅନିଲ ଦାସ କୁହନ୍ତି। ''ସମସ୍ତ ଛୋଟବଡ଼ ମାମଲା ଗ୍ରାମ କମିଟି ଆଗରେ ଉପସ୍ଥାପନ କରାଯାଇଥାଏ। ପରେ ନୋଟିସ ମାଧ୍ୟମରେ ସମସ୍ତ ପକ୍ଷଙ୍କୁ ସଭାକୁ ଡକାଯାଇ ସେମାନଙ୍କ ଅଭିଯୋଗ ଆଲୋଚନାକରି ଉଚିତ ନିଷ୍ପତ୍ତି ଶୁଣାଇ ଦିଆଯାଏ। କମିଟିର ନିଷ୍ପତ୍ତି ଉପରେ ଆଜି ପର୍ଯ୍ୟନ୍ତ କେହି ବିରୋଧାଭାସର ପ୍ରଶ୍ନ କରିନାହାନ୍ତି।'' କେହି କମିଟିକୁ ନ ଜଣାଇ ହଠାତ୍ ସର୍ବପ୍ରଥମେ ଥାନା ଓ କଚେରିକୁ ଗଲେ କମିଟିର ନିଷ୍ପତ୍ତି ଅନୁଯାୟୀ ଗ୍ରାମର ଏକତା ଭାଇଚାର ରକ୍ଷା ନିମନ୍ତେ ଗ୍ରାମ କମିଟିକୁ ଅମାନ୍ୟ କରିଥିବା ବ୍ୟକ୍ତିଙ୍କୁ କିଛି ଆର୍ଥିକ ଜରିମାନା ଦେବାକୁ ପଡ଼େ। କମିଟିର ସମସ୍ତ ରେକର୍ଡପତ୍ର କୋଠଘର କାର୍ଯ୍ୟାଳୟରେ ରଖାଯାଇଥାଏ। ଉକ୍ତ ଗ୍ରାମରେ ବିଭିନ୍ନ ସମ୍ପ୍ରଦାୟର ଲୋକ ଭାଇଚାରା ରକ୍ଷାକରି ଚଳିଆସୁଛନ୍ତି। ବର୍ତ୍ତମାନ ଗ୍ରାମ କମିଟିର ସଭାପତି ବିକଳାନନ୍ଦ ଦାସ, ଉପସଭାପତି ନୁର ବେହେରା, କୋଷାଧ୍ୟକ୍ଷ କାର୍ତ୍ତିକ ଦାସ ଏବଂ ଗ୍ରାମରେ ସଭା ପାଇଁ ଡାକୁଆ(ଯିଏ ସୂଚନା ଦିଏ)ଅଛନ୍ତି। ଏହି ଗାଁ କଟକ ସନ୍ନିକଟରେ ଥାଇ ମଧ୍ୟ ଏଠାର ଲୋକମାନେ ଆଇନଗତ ଝାମେଲାଠାରୁ ନିଜକୁ ଦୂରେଇ ରଖିବାକୁ ଚେଷ୍ଟାକରି ଆସୁଛନ୍ତି।



**ସମସ୍ୟା ସମାଧାନ ପାଇଁ ଭଦ୍ରଲୋକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି:** ଦେଶରେ ଲୋକମାନଙ୍କ ଧନଜୀବନ ସୁରକ୍ଷା ନିମନ୍ତେ ଏବଂ ଦେଶର ନିରାପତ୍ତା ପାଇଁ ସ୍ୱତନ୍ତ୍ର ଆଇନକାନୁନ ରହିଛି। ଏହା ନାଗରିକମାନଙ୍କ ମଧ୍ୟରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ସହିତ ସେମାନଙ୍କ ସୁରକ୍ଷା ପ୍ରତି ସହାୟକ ହୋଇଥାଏ। ଆଇନ କ୍ଷେତ୍ରରେ ଗ୍ରାମ୍ୟ ନ୍ୟାୟାଳୟ ମଧ୍ୟ ଲୋକାଭିମୁଖୀ ହୋଇପାରିଛି। ମାତ୍ର ଅନେକ କ୍ଷେତ୍ରରେ ଜନସଚେତନତାର ଆବଶ୍ୟକତା ରହିଛି। ଆଇନଜୀବୀ ଶକ୍ତିପ୍ରସାଦ ଦାସ କୁହନ୍ତି, ସମାଜରେ ଶାନ୍ତିଶୃଙ୍ଖଳା ଓ ସଦ୍‌ଭାବ ବଜାୟ ରଖିବା ପାଇଁ ଆଇନକାନୁନର ଆବଶ୍ୟକତା ଜରୁରୀ, କିନ୍ତୁ ସବୁ କ୍ଷେତ୍ରରେ ନୁହେଁ। ପୁରସ୍କାର ମାଧ୍ୟମରେ ମଧ୍ୟ ଅନେକ କ୍ଷେତ୍ରରେ ପରିବର୍ତ୍ତନ କରାଯାଇପାରିବ। ଯେଉଁ ଗ୍ରାମ ମକଦ୍ଦମାମୁକ୍ତ ଥିବ ସେହି ଗ୍ରାମକୁ ସ୍ୱତନ୍ତ୍ର ଅର୍ଥ ପୁରସ୍କାର ପ୍ରଦାନ କରାଯିବ ବୋଲି ରାଜ୍ୟ ସରକାର ଘୋଷଣା କରିଛନ୍ତି। ଯୋଜନା ଅନୁଯାୟୀ ଛୋଟ ଛୋଟ ମାମଲାର ଆପୋସ ଆଲୋଚନା ମାଧ୍ୟମରେ ସମାଧାନ କରାଯିବ। ଏଥିପାଇଁ ଗ୍ରାମର ଭଦ୍ରବ୍ୟକ୍ତିମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।



**ସଭାରେ ମନୋନୀତ ଭଦ୍ରବ୍ୟକ୍ତି ନିଷ୍ପତ୍ତି ଶୁଣାନ୍ତି:**ଖୋର୍ଦ୍ଧା ଜିଲ୍ଲା ଚିଲିକା ବ୍ଲକର ହରିପୁର ଗ୍ରା:ପ। ଏହି ଗାଁର ପ୍ରାୟ ୫ଟି ସାହିର ଲୋକମାନେ ସାମୂହିକ ପର୍ବପର୍ବାଣିରେ ସାମିଲ ହୋଇଥାନ୍ତି। ଗୋଦାବରୀଶ ବିଶ୍ୱାଳ କୁହନ୍ତି, ଗାଁରେ ଯଦି କୌଣସି ଛୋଟମୋଟ ଅଘଟଣା ଦେଖାଦିଏ ତେବେ ଗାଁର ଜଣେ ବ୍ୟକ୍ତି ସଭା ସମ୍ପର୍କରେ ନିର୍ଦ୍ଧାରିତ ଦିନ, ସମୟ ଓ ସ୍ଥାନ ବିଷୟରେ ଲୋକଙ୍କୁ ଶୁଣାଇଥାନ୍ତି, ଯାହାଙ୍କୁ ଡାକୁଆ କହନ୍ତି। ସଭାକୁ ପ୍ରତିସାହିରୁ ଜଣାଶୁଣା ମୁଖ୍ୟବ୍ୟକ୍ତିମାନେ ଆସିଥାନ୍ତି। ପ୍ରତାପଶ୍ୱର ଦେବଙ୍କ ପୀଠରେ ସଭାହୁଏ। ଘଟଣାର ଆପୋସ ସମାଧାନ ପାଇଁ ଉପସ୍ଥିତ ସମସ୍ତ ପକ୍ଷଙ୍କଠାରୁ ମତାମତ ନିଆଯାଇ ଘଟଣାକୁ ଆଲୋଚନା କରାଯାଇଥାଏ। ଆବଶ୍ୟକ ସ୍ଥଳେ କିଛି ଭଦ୍ରବ୍ୟକ୍ତିଙ୍କୁ ଘଟଣାର ସମାଧାନ ପାଇଁ ବଛାଯାଇ ସେମାନଙ୍କ ଉପରେ ନିଷ୍ପତ୍ତିର ଦାୟିତ୍ୱ ଦିଆଯାଇଥାଏ। ଏହାପରେ ସେମାନେ ରାୟକୁ ଶୁଣାଇଥାନ୍ତି। ଲଳିତମୋହନ ପଟ୍ଟନାୟକ କୁହନ୍ତି, ପ୍ରତିବର୍ଷ ରଜ ସମୟରେ ଗାଁର ବିକାଶ ସମ୍ପର୍କରେ ସାମୂହିକ କାର୍ଯ୍ୟର ଉନ୍ନତି ପାଇଁ କାର୍ଯ୍ୟ ତାଲିକା ପ୍ରସ୍ତୁତ କରାଯାଇଥାଏ। ଗାଁରେ ଶସ୍ତ୍ରମିଳନ ଓ ଅନ୍ୟାନ୍ୟ ପର୍ବପର୍ବାଣିରେ ସମସ୍ତଙ୍କ ସାହାଯ୍ୟ ସହଯୋଗ ରହିଥାଏ।

**ଗ୍ରାମ କମିଟି ବିଚାର ନିଷ୍ପତ୍ତି ବିବରଣୀକୁ ଥାନାକୁ ଦେଇଥାଏ:** ଖୋର୍ଦ୍ଧା ବାଣପୁର ବ୍ଲକ ନନ୍ଦପୁର ଗ୍ରାମପଞ୍ଚାୟତର ଅଲାଇଡ଼ିହ ଗାଁ। ଗ୍ରାମକମିଟି ସଭାପତି ବିଜୟ ପାଢ଼ୀ କୁହନ୍ତି, ଗ୍ରାମ କମିଟି ଜରିଆରେ ଗାଁରେ ଘଟିଥିବା କୌଣସି ଘଟଣାର ସମାଧାନ ପାଇଁ ସାହିରେ ଘଣ୍ଟ ପିଟାଯାଇଥାଏ। ଏପରିକି ମୁଦେଇ ମୁଦାଲାଙ୍କ ଅଭିଯୋଗ ସମ୍ପର୍କରେ ମତାମତ ନିଆଯାଇ ଉପସ୍ଥିତ ଭଦ୍ରବ୍ୟକ୍ତିଙ୍କ ଦ୍ୱାରା ଘଟଣାର ଆପୋସ ସମାଧାନ କରାଯାଇଥାଏ। ଏକ ଲିଖିତ ରିଜୋଲ୍ୟୁଶନ ରୁହେ, ଯଦି କେହି ଅମାନ୍ୟ ହୁଅନ୍ତି ତେବେ ସେ ମଧ୍ୟ ଉକ୍ତ ନିଷ୍ପତ୍ତିରେ ଏକମତ ନୁହନ୍ତି ବୋଲି ଜଣାଇଥାନ୍ତି। ତା'ପରେ ଗ୍ରାମକମିଟିର ବିଚାର କରାଯାଇଥିବା ତଥ୍ୟର ରିଜୋଲ୍ୟୁଶନ କପିକୁ ଥାନାକୁ ପଠାଇ ଦିଆଯାଇଥାଏ। ପ୍ରମୋଦ ମହାପାତ୍ର କୁହନ୍ତି, ଯଦି ଟିକିଏ ଟିକିଏ କଥାରେ ଥାନା କୋର୍ଟ କଚେରିକୁ ଯିବା ଦ୍ୱାରା ମାଲିମକଦ୍ଦମାରେ ଅର୍ଥଶ୍ରାଦ୍ଧ ହେବ। କିନ୍ତୁ ଯାହା ଗାଁର ବିକାଶରେ ବାଧା ଉପୁଯାଇଥାଏ। ଏପରିକି ଥାନାର ଦ୍ୱାରସ୍ଥ ହେଉଥିବା କେତେକ ଘଟଣାର ଆପୋସ ସମାଧାନ ଗାଁରେ ହିଁ କରାଯାଇଥାଏ। ଗାଁରେ ପରସ୍ପର ମଧ୍ୟରେ ସୁସମ୍ପର୍କ ପାଇଁ ପ୍ରୟାସ କରିଥାଉ।

**ସଭା ବସେ, ଆବଶ୍ୟକସ୍ଥଳେ ପୋଲିସ ରୁହେ:** ନୟାଗଡ଼ ଜିଲ୍ଲା ଖୁଣ୍ଟୁପଡ଼ା ଗାଁ। ଜନସଂଖ୍ୟା ପ୍ରାୟ ୫ ଶହରୁ ଅଧିକ। ଗାଁର ସଭାପତି ସନାତନ ବାଘସିଂହ କୁହନ୍ତି, ଆମ ଗାଁରେ କୌଣସି ଛୋଟମୋଟ ବିବାଦ ଘଟିଲେ ଗାଁ କମିଟି ଜରିଆରେ ତା'ର ସମାଧାନ ହୋଇଥାଏ। ଆବଶ୍ୟକ ସ୍ଥଳେ ପୋଲିସର ସାହାଯ୍ୟ ନେଇ ସଭା କରାଯାଇଥାଏ। ସ୍ଥାନୀୟ ରଘୁନାଥ ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ହିଁ ଅଧିକାଂଶ ସଭାହୁଏ। କମିଟିର ସଂପାଦକ ଭାବେ ପ୍ରକାଶ ମହାପାତ୍ର, ମେଘନାଦ ବେହେରା, କୋଷାଧ୍ୟକ୍ଷ ନବୀନ ବେହେରା ରହିଛନ୍ତି। ପ୍ରାୟ ୫୫ବର୍ଷହେଲା ଅନେକଘଟଣା ଥାନାକୁ ଯାଇନାହିଁ। ସମସ୍ତେ ଆଇନକୁ ସମ୍ମାନ ଦେଇ ପରସ୍ପରଙ୍କ ମଧ୍ୟରେ ସମ୍ପର୍କକୁ ସୁଦୃଢ଼ କରିଆନ୍ତି।

**ସଭାରେ ଅଭିଯୋଗ ଦରଖାସ୍ତକୁ ପଠନ କରାଯାଏ:**କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ ଅନ୍ତର୍ଗତ କାଶିବେଡ଼ା ଗାଁ। ଗ୍ରାମଦେବତୀ ରଙ୍ଗାପାଟଙ୍କ ପ୍ରାଙ୍ଗଣ ତଥା ଗାଁମଝିରେ ଲୋକଙ୍କ ଭଲମନ୍ଦ ଘଟଣାର ବିଚାର ହୁଏ। ମାତ୍ର କୌଣସି ଅଭିଯୋଗ ହୋଇଥିଲେ ସେ ସମ୍ପର୍କରେ ୫ଟି ସାହିର ଗ୍ରାମକମିଟି ସଭ୍ୟଙ୍କୁ ନୋଟିସ ଦ୍ୱାରା ଘଟଣାକୁ ଜଣାଇ ଦିଆଯାଇଥାଏ। ଗାଁର ଲୋକପ୍ରତିନିଧି ନବଘନ ମାନସିଂହ କୁହନ୍ତି, ସଭାରେ ପ୍ରଥମେ ଦୁଇପକ୍ଷଙ୍କୁ ସୂଚନା ଦିଆଯାଇଥାଏ ଏବଂ ଅଭିଯୋଗ ଦରଖାସ୍ତକୁ ପଠନ କରାଯାଇ ଗାଁର ଜଣାଶୁଣା ଭଦ୍ରବ୍ୟକ୍ତିଙ୍କ ଦ୍ୱାରା ନିଷ୍ପତ୍ତି ଶୁଣାଇ ଦିଆଯାଇଥାଏ। ଯାହାର ଭୁଲ ଥାଏ ସେ ତା ଭୁଲକୁ ସ୍ୱଇଚ୍ଛାରେ ସ୍ୱୀକାର କରେ, ତା'ପରେ ଅପୋସ ସମାଧାନ କରାଯାଇଥାଏ। ଏମିତି ପୁରୁଷ ପୁରୁଷ ଧରି ଆମଗାଁରେ ଏହି ନିୟମ ଚଳିଆସୁଛି।

ଅନ୍ୟପକ୍ଷେ ଓଡ଼ିଶାର ଗାଁ ଗାଁରେ ଗାଁଲୋକଙ୍କ ଦ୍ୱାରା ବିଭିନ୍ନ ଘଟଣାର ଆପୋସ ସମାଧାନ ହେବାର ନଜିର ରହିଛି, ଯାହାକି ଦେଶର ଆଇନକୁ ସମ୍ମାନ ଦେଇ ଭାଇଚାରା ସୃଷ୍ଟିହେବା ସହ ଗାଁରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ନିମନ୍ତେ ଏଭଳି ପ୍ରୟାସ କରାଯାଇଥାଏ।

**-ବନବିହାରୀ ବେହେରା**

ତଥ୍ୟ ସହାୟତା:କୈଳାସ ପଟ୍ଟନାୟକ, ସୂର୍ଯ୍ୟନାରାୟଣ ଦାଶ, ସୁଶାନ୍ତ ଜେନା, ଅଜୟ ମହାରଣା, ନୀଳମଣି ମଣ୍ଡଳ





# ମେକାନିକାଲ୍ ଇଞ୍ଜିନିୟରିଂରୁ ସର୍ଟଫିଲ୍ମ ନିର୍ଦ୍ଦେଶକ





ବିଶ୍ୱନାଥ



ସେ ପେସାରେ ଥିଲେ ଜଣେ ଇଞ୍ଜିନିୟର। ମାତ୍ର ଯନ୍ତ୍ରାଂଶର ଘର୍ଘର ଶବ୍ଦ ତାଙ୍କ କାନକୁ ଶୁଣାଯାଉ ନ ଥିଲା। ତା’ ପରିବର୍ତ୍ତେ ସେ ଶୁଣୁଥିଲେ ସୃଜନର ସ୍ୱର। କାରଣ ସୃଜନୀ ବା କ୍ରିଏଟିଭିଟି ତାଙ୍କ ରକ୍ତରେ ଥିଲା। ସେ ହେଉଛନ୍ତି କ୍ଷୁଦ୍ର ତଥା ପ୍ରାମାଣିକ ଚଳଚ୍ଚିତ୍ର ନିର୍ମାଣ କରି ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶାକୁ ପରିଚିତି ଦେଇଥିବା ଯୁବ ନିର୍ଦ୍ଦେଶକ ବିଶ୍ୱନାଥ ରଥ। ବିଶ୍ୱନାଥ ଏକାଧାରରେ ଜଣେ ସର୍ଟ ଫିଲ୍ମ ନିର୍ଦ୍ଦେଶକ, ସ୍କ୍ରିନ୍ ଲେଖକ, ଏଡିଟର ତଥା ପ୍ରଯୋଜକ। ତାଙ୍କ ନିର୍ମିତ ସର୍ଟ ଫିଲ୍ମଗୁଡ଼ିକ ୧୫୮ରୁ ଅଧିକ ଅନ୍ତର୍ଜାତୀୟ ଫିଲ୍ମ ଫେଷ୍ଟିଭାଲରେ ପ୍ରଦର୍ଶିତ ହେବା ସହିତ ପୁରସ୍କୃତ ହୋଇସାରିଛି।

**‘କର ଭଲା’ରୁ ‘କୋଟପାଡ଼ ୱିଭିଂ’ :** ବିଶ୍ୱନାଥଙ୍କର ପ୍ରଥମ ସର୍ଟଫିଲ୍ମ ‘କର ଭଲା’। ଏହାଥିଲା ତାଙ୍କର ଏକ ଷ୍ଟୁଡେଣ୍ଟସ ପ୍ରୋଜେକ୍ଟ। ଉଭୟ ହିନ୍ଦୀ ଏବଂ ତାମିଲ୍ ଭାଷାରେ ନିର୍ମିତ ଏହି ଦ୍ୱିଭାଷୀ ସର୍ଟଫିଲ୍ମର ଅବଧି ଥିଲା ୧୫ମିନିଟ୍। ଏହା ୪୧ଟି ଅନ୍ତର୍ଜାତୀୟ ଫିଲ୍ମ ଫେଷ୍ଟିଭାଲରେ ପ୍ରଦର୍ଶିତ ହେବା ସହିତ ତିନିଗୋଟି ଅନ୍ତର୍ଜାତୀୟ ପୁରସ୍କାର ହାସଲ କରିଥିଲା। ଏହି ଫିଲ୍ମର ସଫଳତା ତାଙ୍କ ହାତକୁ ଆଣି ଦେଇଥିଲା ମ୍ୟୁଜିକ୍ ଆଲବମ୍ ‘ଫିଲ୍ ଦ ପ୍ୟାଶନ୍’। ଏହା ୧୮ଟି ଇଣ୍ଟରନ୍ୟାଶନାଲ ଫିଲ୍ମଫେଷ୍ଟିଭାଲ୍‌ରେ ପ୍ରଦର୍ଶିତ ହୋଇଥିଲା। ବିଶ୍ୱନାଥ ପ୍ରସ୍ତୁତ କରିଥିବା ସବୁଠୁ ଚର୍ଚ୍ଚିତ ତଥା ଲୋକପ୍ରିୟ ସର୍ଟଫିଲ୍ମ ‘ଦି ରାଇଟ୍ ଗ୍ଲାସ୍’। ଏହା ଥିଲା ଏକ ନିର୍ବାକ ଚଳଚ୍ଚିତ୍ର। ଅନ୍ତର୍ଜାତୀୟ ସ୍ତରରେ ଏହା କେବଳ ଓଡ଼ିଶାର ନୁହେଁ; ସମଗ୍ର ଭାରତବର୍ଷର ଏକାଧିକବାର ପ୍ରତିନିଧିତ୍ୱ କରିଥିଲା। ଏଥିମଧ୍ୟରେ ପ୍ୟାରିସ୍‌ରେ ଅନୁଷ୍ଠିତ ପାରାଚ୍ୟୁଟ୍ ଲାଇଟ୍ ଜିରୋ ଆକ୍ଟ ଥ୍ରୀ ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲ, କାବୁଲଠାରେ ଅନୁଷ୍ଠିତ ଆଫଗାନିସ୍ଥାନ ହ୍ୟୁମାନ ରାଇଟ୍ସ ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲ ଏବଂ ମାଲଟା (ଇଟାଲୀ)ଠାରେ ଅନୁଷ୍ଠିତ ଗୋଲ୍ଡେନ୍-ସନ୍ ଇଣ୍ଟରନ୍ୟାଶନାଲ ସର୍ଟ ଫିଲ୍ମ ଫେଷ୍ଟିଭାଲ ଅନ୍ୟତମ। ଉପରୋକ୍ତ ଫେଷ୍ଟିଭାଲମାନଙ୍କରେ ଏହା ଏକମାତ୍ର ଭାରତୀୟ ସର୍ଟଫିଲ୍ମ ଭାବେ ପ୍ରଦର୍ଶିତ ହୋଇଥିଲା। ଏହା ଥିଲା ଏକ ଉଲ୍ଲେଖନୀୟ ଘଟଣା। ବିଶ୍ୱନାଥଙ୍କ ଦ୍ୱାରା ନିର୍ମିତ ପ୍ରଥମ ଇଂଲିଶ ଡକ୍ୟୁମେଣ୍ଟାରୀ ହେଉଛି ‘ଏ ଜିରୋ ଟୁ ହିରୋ’। ୨୦୧୬ରେ ବିଶ୍ୱ ଖାଦ୍ୟ ଦିବସ (ୱାର୍ଲ୍ଡ ଫୁଡ୍ ଡେ) ଅବସରରେ ମୁକ୍ତିଲାଭ କରିଥିବା ଏହି ଡକ୍ୟୁମେଣ୍ଟାରୀ ଡିସେମ୍ବର ୯ ତାରିଖରେ ଇଟାଲୀର ରୋମ୍‌ଠାରେ ଅନୁଷ୍ଠିତ ଏଗ୍ରିକଲଚର ଫିଲ୍ମ ଫେଷ୍ଟିଭାଲରେ ପ୍ରଦର୍ଶିତ ହୋଇଥିଲା ଏବଂ ସମ୍ମାନଜନକ ‘ଅଡିଆନ୍ସ ଆୱାର୍ଡ’ ହାସଲ କରିଥିଲା। ତାଙ୍କର ସଦ୍ୟତମ ଫିଲ୍ମ ‘କୋଟପାଡ଼ ୱିଭିଂ’। କୋଟପାଡ଼ ହ୍ୟାଣ୍ଡଲୁମ୍‌କୁ ଆଧାର କରି ନିର୍ମିତ ଏହି ଫିଲ୍ମ ୨୦୧୮ ନଭେମ୍ବର ୧୫ ତାରିଖରେ ସିଡ୍‌ନୀଠାରେ ପ୍ରଦର୍ଶିତ ହୋଇଛି।

**ଜନ୍ମ ଓ ଯୌଥ ଜୀବନ:** ୧୯୮୪ ମସିହା ଜୁନ୍‌ମାସ ୧୮ ତାରିଖରେ ଜୟପୁରର ରାଜୁସାହିରେ ଜନ୍ମଗ୍ରହଣ କରିଥିଲେ ବିଶ୍ୱନାଥ। ବାପା ରଘୁନାଥ ରଥ ଫିଜିକ୍ସ ରିଡର। ମା’ ପ୍ରମିଳା ସୁଗୃହିଣୀ। ତାଙ୍କର ଥିଲା ଏକ ଯୌଥ ପରିବାର। ସେହି ଯୌଥ ପରିବାରର ସବା ସାନପୁଅ ହେଇ ଜନ୍ମ ନେଇଥିଲେ ବିଶ୍ୱନାଥ। ତାଙ୍କ ଉପରେ ଥିଲେ ବଡ଼ ଦୁଇଭଉଣୀ ସ୍ମିତା ରଥ, ରଶ୍ମି ରଥ ଏବଂ ବଡ଼ ଭାଇ ଅମିତ ରଥ। ଯୌଥ ପରିବାରର ସାନପୁଅ ଭାବେ ଜନ୍ମହୋଇ ସମସ୍ତଙ୍କର ସବୁ ସ୍ନେହ ତ ମିଳିଥିଲା ବିଶ୍ୱନାଥଙ୍କୁ। ତା’ ସହିତ ମିଳିଥିଲା କଠୋର ଅନୁଶାସନ ତଥା ଶୃଙ୍ଖଳା ଜ୍ଞାନ। ବିଶ୍ୱନାଥ କହନ୍ତି : ପରିବାରରେ ଥିଲା ଏକ ସାଂସ୍କୃତିକ ତଥା ସାରସ୍ୱତ ମାହୋଲ। ବଡ଼ମାନେ ବିଶେଷକରି ବାପା ଖୁବ୍ ପଢୁଥିଲେ ଆଉ ଫିଲ୍ମ ଦେଖୁଥିଲେ। କେବଳ ନିଜେ ଦେଖୁ ନ ଥିଲେ ; ବାପାଙ୍କୁ ଯେଉଁ ଫିଲ୍ମଟି ଭଲ ଲାଗୁଥିଲା ତାଙ୍କୁ ନେଇ ସେହି ଫିଲ୍ମଟି ଦେଖାଉଥିଲେ। ବାପାଙ୍କଠୁ ଜନ୍ମଗତ ଭାବରେ ସେ ପାଇଥିଲେ ଏହି ପଢ଼ିବା ଆଉ ଫିଲ୍ମ ଦେଖିବାର ନିଶା ; ଯାହା ତାଙ୍କୁ ସେହି ଜଗତକୁ ଟାଣିଆଣିଲା।

**ରାମାୟଣ ସିରିଏଲ୍‌ର ହନୁମାନ:** ଏଇଟା ବିଶ୍ୱନାଥଙ୍କର ପିଲାବେଳର ଘଟଣା। ଦୂରଦର୍ଶନରେ ରାମାୟଣ ସିରିଏଲ୍ ପ୍ରସାରିତ ହେଉଥାଏ। ବାଳକ ବିଶ୍ୱନାଥଙ୍କ ମନକୁ ଜିଣିନେଇଥାନ୍ତି ବଜରଙ୍ଗବଳୀ ହନୁମାନ। ତେଣୁ ସେ ନିଜକୁ ହନୁମାନ ସଜେଇ ସିରିଏଲ୍ ଦେଖନ୍ତି। ଯଦି ତାଙ୍କୁ ହନୁମାନ ବେଶରେ ସଜେଇ ଦିଆଯାଉ ନ ଥିଲା ତା’ହେଲେ ନା ସେ ନିଜେ ସିରିଏଲ୍ ଦେଖୁଥିଲେ ନା ଆଉ କାହାକୁ ଦେଖିବା ପାଇଁ ଦଉଥିଲେ। ବିଶ୍ୱନାଥଙ୍କ ଫିଲ୍ମ, ସିରିଏଲ୍ ତଥା କଳାମନସ୍କତା ସମ୍ପର୍କରେ ମୂଳରୁ ପରିଚିତ ହୋଇ ସାରିଥିଲେ ପରିବାର ଲୋକେ। ସମ୍ଭବତଃ ସେଇଥିପାଇଁ ଯେତେବେଳେ ସେ ମେକାନିକାଲ ଇଞ୍ଜିନିୟରିଂ ଚାକିରି ଛାଡ଼ି ଚେନ୍ନାଇରେ ଫିଲ୍ମ ମେକିଂ ଶିଖିବାକୁ ବାହାରିଲେ ସେତେବେଳେ କେହି ସେତେବେଶି ଆପତ୍ତି କରି ନ ଥିଲେ। ଦୁଇଭଉଣୀ ଆଉ ବଡ଼ଭାଇ ଅମିତ ରଥ ତ ତାଙ୍କୁ ନୈତିକ ସମର୍ଥନ କରି ଆଗକୁ ବାହାରି ଆସିଥିଲେ। ସମସ୍ତଙ୍କର ଗୋଟିଏ ସ୍ୱର, ଯଦି କିଛି ଗୋଟେ ନୂଆ କରିବାକୁ ସାନଭାଇ ବିଶ୍ୱନାଥ ଯାଉଛି ତା’ହେଲେ ଯାଉ। କ୍ୟାରିଅର କଥା ପରେ ଚିନ୍ତା କରାଯିବ। ବିଶ୍ୱନାଥ କହନ୍ତି : ଭାଇଭଉଣୀ, ବାପାମା’ ଆଉ ପରିବାରର ସପୋର୍ଟ ଆଜି ମତେ ସଫଳତାର ଶିଡ଼ି ଚଢ଼ଉଛି।

**ଅର୍ଚ୍ଚନା – ସହଧର୍ମିଣୀ କମ୍, ସହ କର୍ମିଣୀ ବେଶି :** ସ୍ତ୍ରୀ ଅର୍ଚ୍ଚନାଙ୍କ ସହିତ ବିଶ୍ୱନାଥଙ୍କ ସାକ୍ଷାତ୍ ହୋଇଥିଲା ୨୦୧୧ରେ। ଅବଶ୍ୟ ତା’ ପୂର୍ବରୁ ସେମାନେ ସୋସିଆଲ ମିଡ଼ିଆରେ ପରସ୍ପର ସହିତ ପରିଚିତ ହୋଇ ସାରିଥିଲେ। ଭେଟିବା ପୂର୍ବରୁ ଅର୍ଚ୍ଚନା ସବୁକିଛି ଜାଣିସାରିଥିଲେ ବିଶ୍ୱନାଥଙ୍କ ବିଷୟରେ। ପରିବାର ପକ୍ଷରୁ ମଧ୍ୟ କୌଣସି ପ୍ରତିବନ୍ଧକ ନ ଥିଲା। ବାସ୍, ଅର୍ଚ୍ଚନା ଆସିଲେ ତାଙ୍କ ଜୀବନକୁ। ବିଶ୍ୱନାଥ କହନ୍ତି– ସ୍ତ୍ରୀମାନଙ୍କୁ ସାଧାରଣତଃ ସହ-ଧର୍ମିଣୀ ବୋଲି କୁହାଯାଏ। ମାତ୍ର ଅର୍ଚ୍ଚନା ଏକାଧାରରେ ମୋର ସହଧର୍ମିଣୀ ଓ ସହକର୍ମିଣୀ। ତାଙ୍କ ଭିତରେ ଏକ କଳାତ୍ମକ ଆବେଗ ରହିଛି। ମୋର ସ୍କ୍ରିପ୍ଟିଂଠାରୁ ନେଇ ସ୍କ୍ରିନିଂ ପର୍ଯ୍ୟନ୍ତ ତାଙ୍କ ଗଠନମୂଳକ ମତାମତ ମୋତେ ଆଗକୁ ଯିବାକୁ ପ୍ରେରଣା ଦଉଛି।

–ରାଜେନ୍ଦ୍ର ରାଉଳ





# ବୋଉ

– ପ୍ରବୀଣ କୁମାର କବି

॥ ୧ ॥

ଚିଉଦ ବର୍ଷର ବାପଛେଉଣ୍ଡ ପୁଅକୁ ସାରାରାତି ଫୋନ୍‌ରେ ଗପୁଥିବାର ଦେଖି ବୋଉ ଅନେକବାର ବାରଣ କଲା । ଶେଷରେ ଦିନେ ବୋଉ କଥାରେ ଅତିଷ୍ଠ ହୋଇ ପୁଅ ରୋକ୍‌ଠୋକ୍ ଶୁଣେଇଦେଲା :

'ଯଦି ଫୋନ୍‌ରେ କଥା ହେଲେ ତୋର ଅସୁବିଧା ହେଉଛି ତେବେ କହିଦେ ମୁଁ ଆରବର୍ଷକୁ ହଷ୍ଟେଲ୍ ଚାଲିଯିବି । ମୋର ତୁ ନୁହଁ, ପ୍ରାଇଭେସି ଦରକାର ।'

॥ ୨ ॥

ସବିତାଦେବୀ ରାତିସାରା ଏତେ କାଶିଲେ ଯେ, ପୁଅ ବୋହୂ ରାଗରେ ରକ୍ତଚାଉଳ ଚୋବେଇଲେ । ଅଧରାତିରେ ପୁଅ ଉଠି ତାଙ୍କ ପାଖକୁ ଗଲା । ପୁଅକୁ ଦେଖି ତାଙ୍କ କାଶ ଅଧା କମିଗଲା । ଭାବିଲେ, କାଶ ବିଷୟରେ ପୁଅକୁ ଜଣେଇବେ ବୋଲି । ହେଲେ ସେ କହିବା ପୂର୍ବରୁ ହିଁ ପୁଅ ନ କାଶିବା ପାଇଁ ହୁକୁମ୍ ଦେଇ ଘର ଭିତରକୁ ଚାଲିଗଲା ।

ଠିକ୍ ଦୁଇମାସ ପରେ ସବିତାଦେବୀ ଚାଲିଗଲେ । ପୁଅ ସେତେବେଳେ ଜାଣିଲା ଯେ, ବୋଉକୁ ଟି.ବି. ହୋଇଥିଲା ।

॥ ୩ ॥

ଶତ୍ରୁଘନବାବୁଙ୍କ ମୃତ୍ୟୁ ପରେ ବୋଉକୁ ରଖିବାକୁ ନେଇ ତିନିପୁଅଙ୍କ ଭିତରେ ଘମାଘୋଟ ଲଢ଼େଇ ଚାଲିଲା । ବୋଉ ଏସବୁ ଦେଖି ଭାଗ୍ୟକୁ ନିନ୍ଦୁଥିବା ବେଳେ ଗୋଟେ ଗାଡ଼ି ଆସି ଦୁଆରେ ପହଞ୍ଚିଲା । ଦୁଇଜଣ ବାବୁ ଗାଡ଼ିରୁ ଓହ୍ଲେଇ ଆସି ତାଙ୍କୁ ଧରେଇଦେଲେ ଏକ ପେପର । ଆଉ କହିଲେ, ଶତ୍ରୁଘନବାବୁ ମରିବା ପୂର୍ବରୁ ତାଙ୍କ ପାଇଁ ବୃଦ୍ଧାଶ୍ରମରେ ଏକ ସିଟ୍ ରିଜର୍ଭ କରିଯାଇଛନ୍ତି ।

ବୋଉ ହାତରେ ବାପାଙ୍କ ଫଟୋ ଧରି ଯାଉଥିଲେ ବୃଦ୍ଧାଶ୍ରମକୁ । ଆଉ ଏପଟେ ତିନିପୁଅ ବି ଦିଶୁଥିଲେ ଖୁବ୍ ପ୍ରସନ୍ନ ।

॥ ୪ ॥

ଅନେକ ଦିନ ପରେ ଗାଁରୁ ବୋଉ ଆସିଥିବା ଦେଖି ଅନିବେଶ ବୋଉର ପ୍ରିୟ ଇଲିଶି ବାଟଣ କରିବାକୁ ସ୍ତ୍ରୀକୁ କହିଲେ । ଅଫିସ ଯିବା ପୂର୍ବରୁ ମାର୍କେଟ ଯାଇ ଅତି ସରାଗରେ ଗୋଟେ ଦୁଇକେଜିଆ ଫ୍ରେଶ୍ ଇଲିଶି ଆଣି ଘରେ ଦେଇଗଲେ । ଅଫିସ୍‌ରୁ ଫେରି ଦେଖନ୍ତି ତ ବୋଉ ଫାଳେ ମାଛରେ ଭାତ ଖାଉଛି । ସ୍ତ୍ରୀକୁ ବିରକ୍ତ ହୋଇ ପଚାରିବାରୁ ସ୍ତ୍ରୀ କହିଲେ:

'ମୁଁ ତ ବୋଉକୁ ଦେଉଥିଲି । ହେଲେ ସିଏ ଝାଡ଼ାହେବା ଭୟରେ ଫାଳେ ହିଁ ନେଲେ । ମୁଁ କ'ଣ କରିବି ?'

– ମଦନପୁର, କେନ୍ଦୁଝର



# ମୁଠାଏ ଶାବନା ସ୍ମୃତି

– ହିମାଂଶୁ ସାମଲ (ହେମି)

କ'ଣ ଲେଖିବି ?
କେମିତି ଲେଖିବି ?
ଲେଖିଲେ କଲମ ମୁନରେ ଝୁଣ୍ଟିବି,
କାହାର ରକ୍ତାଭ ଓଠ,
କାହା ଦେହର ଅମୁହାଁ ତୁଠ,
କାହା ମନର କୁଆଁରୀ କଳ୍ପବଟ
ଲାଇଟ୍‌ପୋଷ୍ଟର ଛାଇରେ
କିଏ ଛାଡ଼ି ଯାଇଛି ଫାଳେ ଦେହ,
ଫୁଲାଏ ଛାତି, କୁଣ୍ଢେ କଟି
ସବୁର ଚେହେରା ଚିହ୍ନା, ବାସ୍ନା ଚିହ୍ନା
ନିଛୁମ୍ ରାତିର ନିଶୂନ୍ ରାସ୍ତା ସାଥେ
ବିତିଥିବା କିଛି ଚିପୁଡ଼ା ଅନୁଭବ ବି–
ଭାରି ଚିହ୍ନାଚିହ୍ନା,
ଯାହା ପାଇଁ ବେଳେବେଳେ ହଠାତିଆ–
ବର୍ଷାହୁଏ ଭାରି ଆନମନା... ...
କିଛି ଅନ୍ଧାର ଛାଟି ଦଉଛି ରାସ୍ତାରୁ ଉଠେଇ
ମିଞ୍ଜିମିଞ୍ଜି ଜଳୁଥିବା ଲାଇଟ୍ ପୋଷ୍ଟକୁ,
କାହିଁକିନା କାଳେ ଲାଜ ଲାଗିବ କାହାକୁ
ଯେ, ଛାଡ଼ି ଆସିଛି ଓଢ଼ଣି ଆଉ ପାଉଁଜି...
ଆକଣ୍ଠ ପ୍ରେମ ପାଇଁ ଲାଲ୍ ପଡ଼ିଥିବା
ଆଖି ସାଥେ ଆଖି ମିଶେଇ ଆଦିମ ହବାକୁ,
ଜଙ୍ଗଲ ନିଆଁ ପରି ଧୁ ଧୁ ଜଳିବାକୁ
ପ୍ରେମରେ ପ୍ରେମରେ...
ଶାବନା ଅନ୍ଧାରରେ ଅସ୍ପଷ୍ଟ ଶବ୍ଦରେ
ପରିପୂରକ ଆହ୍ଲାଦରେ
ଭାଙ୍ଗିଦେଲେ ରାତିର ନୀରବତାକୁ,
ଜୋରକରି ଗଣ୍ଠି ପକେଇ
ନିଃଶ୍ୱାସରେ ନିଃଶ୍ୱାସକୁ
ଆଉ ଚରମ ବିଶ୍ୱାସରେ ବିଶ୍ୱାସକୁ,
ଆଉ ପୁଣି ପ୍ରେମରେ ପ୍ରେମକୁ
ରାତିର ଶାବନା ଅନ୍ଧାରକୁ ଟାଣିଦେଲେ
ପାଦରୁ ମୁଣ୍ଡକୁ ପୁଣି ମୁଣ୍ଡରୁ ପାଦକୁ... ସରି !
ଯଦି ଏମିତି 'ବାଏ ଚାନ୍‌ସ' ଝୁଣ୍ଟିପଡ଼େ ପାପକୁ,
ତା'ହେଲେ ସାଥିରେ ଥିବା ସାଥୀ ସାଥେ
ବାଣ୍ଟିଦେବି ଅଧାଅଧା କରି
ଏ ଜନମରୁ ଆର ଜନମକୁ... ...

– ସିଡିଏ, ସେକ୍ଟର – ୯, କଟକ

# ମାୟାର ପାଚେରି

– ଲିପ୍‌ସା ପଟେଲ

ଗୋଟିଏ ଅସଫଳ ସ୍ୱପ୍ନ ପରି
ଧନ୍ଦି ହୋଇଚାଲେ
ବିଷାଦର ଅନ୍ଧାରି ଗହ୍ୱର ଭିତରେ,
ବାସ୍ନାୟିତ ମୁହୂର୍ତ୍ତ ସବୁ
କର୍ପୂର ପରି ଉଭେଇ ସାରିଥାଏ
ଛିଣ୍ଡାକନା ପରି ମନକୁ ଛାଡି,
ସାରାଟା ଅସ୍ତିତ୍ୱ ମୋର
ନୀଳ ସରସର ... ଜହର ... ଜହର !

ତେବେ ବି ମହଣେ ମିଛ ପ୍ରତିଶ୍ରୁତି
ଭରି ଦେଇଯାଏ ସବୁଜ ସାନ୍ତ୍ୱନା
ମୋ ଚତୁର୍ଦ୍ଦିଗରେ, ସାରା ବାୟୁମଣ୍ଡଳରେ...
ଧ୍ୱଂସ କରିବା ଆଗରୁ
ମୋ ଆଖିତଟକୁ
କିଛି ନିରର୍ଥକ ଆତ୍ମୀୟତାର ମୋହର
ଛାଡି ଚାଲିଯାଏ ବାଇଗଣୀ ସ୍ୱାକ୍ଷର ।

ଅପେକ୍ଷାଶୂନ୍ୟ ଚାହାଣିରେ
ବାରି ହୋଇପଡ଼େ,
ଏ ମୋର ଇଲାକା ନୁହେଁ...
ପରନ୍ତେ ରୁକ୍ଷ ସତ୍ୟତା
ବିଛେଇ ହୋଇପଡ଼େ ମାଟିପରି
ସାବ୍ୟସ୍ତ କରିବାକୁ ମୋ ହୃଦୟ ଅଳିନ୍ଦକୁ ।

– ଇରିଗେଶନ କଲୋନୀ,
ଭବାନୀପାଟଣା





# ଅବୁଝା ଜାହ୍ନବୀ


ଜାହ୍ନବୀ

ନବାଗତା ଜାହ୍ନବୀ କପୁର ଏବେ ପୁଣିଥରେ ଚର୍ଚ୍ଚାରେ। କ'ଣ ପାଇଁ ଜାଣନ୍ତି ? କଥା କ'ଣ କି, ନିକଟରେ ତାଙ୍କୁ ଏକ ତେଲୁଗୁ ଫିଲ୍ମରେ ଅଭିନୟ କରିବାକୁ ଅଫର ମିଳିଥିଲା। କାହାଣୀ ଏବଂ ଭୂମିକା ବିଷୟରେ ଟିକିନିଖି ବୁଝିଥିଲେ ସେ। ହେଲେ ଠିକ୍‌ବେଳକୁ ତାଙ୍କ ଖୁସି ମଉଳି ଯାଇଥିଲା। ଏଥିରେ ଅଭିନୟ କରିବାକୁ ସେ ପୂର୍ବ ପାରିଶ୍ରମିକର ଡବଲ ଦାବି କରିଥିଲେ। ଆଉ ତାହା ଶୁଣିବା ପରେ ପ୍ରଯୋଜକଙ୍କ ମୁହଁ ଆମ୍ଳିଲା ପଡ଼ିଯାଇଥିଲା। ଅବଶ୍ୟ ପାରିଶ୍ରମିକକୁ ନେଇ ବେଶ୍ କିଛି ସମୟ ଆଲୋଚନା ହୋଇଥିଲା। ହେଲେ ଜାହ୍ନବୀ ନିଜ ଜିଦ୍‌ରୁ ହଟି ନ ଥିଲେ। ଶେଷରେ ପ୍ରଯୋଜକ ନିରାଶ ହୋଇ ଫେରିଥିଲେ। ଏହି କଥା ଭାଇରାଲ ହେବା ପରେ ଏବେ ଜାହ୍ନବୀ ଏ ନେଇ ସଫେଇ ଦେଇଛନ୍ତି। 'ମୁଁ ମୋ ପାରିଶ୍ରମିକ ଦୁଇଗୁଣା ବଢ଼ାଇ ଦେଇଛି ବୋଲି ଯାହା ଶୁଣିବାକୁ ମିଳୁଛି ତାହା ମିଛ। କେହି ମୋତେ ବଦନାମ୍ କରିବାକୁ ଏଭଳି ଅପପ୍ରଚାର ଚଳାଇଛି। ମୋତେ ଯେଉଁ ତେଲୁଗୁ ଫିଲ୍ମରେ ଆକ୍ଟିଂ କରିବାକୁ ଅଫର ମିଳିଥିଲା, ତାହାର କାହାଣୀରେ କିଛି ପରିବର୍ତ୍ତନ ପାଇଁ ମୁଁ ପରାମର୍ଶ ଦେଇଥିଲି, ଯାହାକୁ ନେଇ ଏବେ ପ୍ରଯୋଜକ ତର୍ଜମା କରୁଛନ୍ତି। ହେଲେ ଏହି ଫିଲ୍ମ ପାଇଁ ମୁଁ ପାରିଶ୍ରମିକ ଡବଲ ମାଗିଥିଲି ବୋଲି ଯାହା ଆଲୋଚନା ହେଉଛି ତା'ପଛରେ ଆଦୌ ସତ୍ୟତା ନାହିଁ ବୋଲି କହିଛନ୍ତି ଜାହ୍ନବୀ।

# କେବଳ ଶପିଂ


ବରୁଣ-ନତାଶା

ବରୁଣ ଧାଓ୍ୱନଙ୍କ ମନ ଏବେ ଶପିଂରେ। ପୁଣି ଏକୁଟିଆ ସେ ଏଥିରେ ବ୍ୟସ୍ତ ନାହାନ୍ତି। ସାଙ୍ଗରେ ଅଛନ୍ତି ଧର୍ମପତ୍ନୀ ସାଜିବାକୁ ଯାଉଥିବା ପ୍ରେମିକା ନତାଶା ଦଲାଲ। ଦୁହିଁଙ୍କର ମ୍ୟାରେଜ୍ କେବେ ହେବ ତାହା ଫାଇନାଲ ହୋଇନାହିଁ, ହେଲେ ଖୁବ୍‌ଶୀଘ୍ର ଡେଟ୍ ଘୋଷଣା କରାଯିବ ବୋଲି କହିଛନ୍ତି ବରୁଣ। ତେଣୁ ତା' ପୂର୍ବରୁ ଦୁହେଁ ଏଥିପାଇଁ ଶପିଂ କରିବା ଆରମ୍ଭ କରିଦେଇଛନ୍ତି। ପୁଣି ଦୁହେଁ ଏକାଠି ଶପିଂ ପାଇଁ ଯାଉଛନ୍ତି। ଏ ବିଷୟରେ ବରୁଣ କୁହନ୍ତି, 'ଆମେ ଦୁଇଜଣ ଏକାଠି ଶପିଂ କରୁଛୁ, ଏହାକୁ ନେଇ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। କାରଣ ଆମେ ଦୁହେଁ ଖୁବ୍‌ଶୀଘ୍ର ଘରସଂସାର କରିବାକୁ ଯାଉଛୁ। ନତାଶାଙ୍କ କେତେକ ଡ୍ରେସ୍ ମୋ ଚଏସ୍‌ରେ କିଣାଯାଇଛି ଏବଂ ମୋ ପାଇଁ ଡ୍ରେସ୍ କିଣିବା ସମୟରେ ତାଙ୍କ ଚଏସ୍‌କୁ ପ୍ରଶଂସା କରିବାକୁ ମୋ ନିକଟରେ ଭାଷା ନାହିଁ।'

# ପ୍ରଭୁଙ୍କ ପ୍ରଶଂସାରେ ସଲ୍ଲୁ


ସଲମାନ-ପ୍ରଭୁଦେବା

ସଲ୍ଲୁ ମିଆଁ ଓରଫ ସଲମାନ ଖାଁଙ୍କ ମୁହଁରେ ଏବେ ପ୍ରଭୁ ଦେବାଙ୍କ ପ୍ରଶଂସା। କାରଣ କ'ଣ ଜାଣନ୍ତି ? ସଲମାନ ଅଭିନୟ କରିବାକୁ ଯାଉଥିବା 'ଦବଙ୍ଗ-୩'ର ନିର୍ଦ୍ଦେଶନା ଭାର ସମ୍ଭାଳୁଛନ୍ତି ପ୍ରଭୁ ଦେବା। ପୁଣି ନିକଟରେ ଏହି କୋରିଓଗ୍ରାଫର-କମ୍-ଡିରେକ୍ଟରଙ୍କୁ ସମ୍ମାନଜନକ ପଦ୍ମଶ୍ରୀ ଉପାଧି ମିଳିଛି। ବାସ୍, ଏପରି ଖବର ପାଇବା ପରେ ସଲ୍ଲୁ ତାଙ୍କୁ ପ୍ରଶଂସାରେ ପୋତି ପକାଇ କହିଛନ୍ତି ଯେ, ପ୍ରଭୁ ଦେବା ଜଣେ ମଲ୍ଟି ଟ୍ୟାଲେଣ୍ଟେଡ୍ ନିର୍ଦ୍ଦେଶକ। ତାଙ୍କ କ୍ୟାମ୍ପ୍‌ରେ କାମ କରିବା ଅନୁଭୂତି ନିଆରା। ମୋ ହୋମ୍ ପ୍ରଡକ୍ସନରେ ନିର୍ମିତ ହେବାକୁ ଯାଉଥିବା 'ଦବଙ୍ଗ-୩'ର କାହାଣୀ ଅନୁସାରେ ତାଙ୍କୁ ନିର୍ଦ୍ଦେଶକ ଭାବରେ ଚୟନ କରାଯାଇଛି।' ପ୍ରଭୁ ଦେବାଙ୍କ ନିର୍ଦ୍ଦେଶନାରେ ନିର୍ମିତ 'ୱାଣ୍ଟେଡ୍' ପୂର୍ବରୁ ବଲିଉଡ୍‌ରେ ସଲମାନ ଖରାପ ସମୟ ଦେଇ ଗତି କରୁଥିଲେ। ଏହି ଫିଲ୍ମଟି ହିଟ୍ ହୋଇଥିଲା ଏବଂ ସଲମାନ ପୁଣି ପୂର୍ବଧାରାକୁ ଫେରି ଆସିଥିଲେ। ତେବେ 'ଦବଙ୍ଗ-୩'ରେ ସଲମାନ-ପ୍ରଭୁଦେବାଙ୍କ କେମେଷ୍ଟ୍ରି କେତେ ଜମୁଛି ତାହା ଫିଲ୍ମଟି ରିଲିଜ୍ ହେଲେ ହିଁ ଜଣାପଡିବ।

# ଦିଶା ବାଣ୍ଟୁଛନ୍ତି ହସ ମନ୍ତ୍ର

ଦିଶା ପଟାନି ଏବେ ଆକ୍ଟିଂ ସହ ଆଉ ଏକ କାମରେ ବ୍ୟସ୍ତ। ଅବଶ୍ୟ ସେଥିପାଇଁ ତାଙ୍କୁ ଅଧିକ ପରିଶ୍ରମ କରିବାକୁ ପଡୁନାହିଁ। ବାସ୍, କେଇ ଲାଇନ୍ ଟିପ୍ସ ଦେଇଦେଲେ କାମ ଶେଷ। ତେଣିକି ତାକୁ ଆପଣ କିପରି ଉପଯୋଗ କରିବେ ତାହା ଆପଣଙ୍କ ଉପରେ ନିର୍ଭର କରେ। ତା'ହେଲେ କାମଟି କ'ଣ ? 'ବାଗି-୨'ର ନାୟିକା ଦିଶା ଏବେ ହସ ମନ୍ତ୍ର ବାଣ୍ଟୁଛନ୍ତି। କେମିତିକା ପରିସ୍ଥିତି ସୃଷ୍ଟି ହେଲେ ମାହୋଲ କେବଳ ହସରେ ଭରିଯିବ, ତାହାର ସରଳ ଉପାୟ ତାଙ୍କୁ ଜଣା। ସାଙ୍ଗମାନଙ୍କ ସହ ଏ କଥାକୁ ଶେୟାର କରିବା ପରେ ଏବେ ସମୟ ଦେଖି ହସ ମନ୍ତ୍ର ବାଣ୍ଟୁଛନ୍ତି ସେ। ଏ ବିଷୟରେ ସେ କହନ୍ତି, 'ହସର ମାହୋଲ ଭିତରେ ରହିବାକୁ ହେଲେ କାହାକୁ କଠିନ ପରିଶ୍ରମ କରିବାକୁ ପଡ଼ିବ ନାହିଁ। ବାସ୍, ନିଜକୁ ଯେତେସମ୍ଭବ ଟେନ୍‌ସନମୁକ୍ତ ରଖନ୍ତୁ ଆଉ ଏପରି ପରିବେଶ ସୃଷ୍ଟି କରନ୍ତୁ, ଯାହା କେବଳ ଆପଣଙ୍କୁ ନୁହେଁ, ଅନ୍ୟମାନଙ୍କୁ ହସିବାକୁ ବାଧ୍ୟ କରିବ। ହେଲେ ଏସବୁ ଆପଣଙ୍କ ମାନସିକତା ଉପରେ ହିଁ ନିର୍ଭର କରେ।' ଆଉ ହସ ମନ୍ତ୍ର ବାଣ୍ଟିବା ପରେ ଏବେ ତାଙ୍କ ସୋସିଆଲ ମିଡିଆର ଫଲୋଅରଙ୍କ ସଂଖ୍ୟା ୧୭ ମିଲିୟନ କ୍ରସ୍ କରିଛି।


ଦିଶା

# ସେଲ୍‌ଫି ପାଇଁ


ରଣବୀର

ବେଳେବେଳେ ପ୍ରଶଂସକଙ୍କ ସହ କିଛି ସମୟ ମଜା କରିବାକୁ ନେଇ ସେଲିବ୍ରିଟିଙ୍କୁ ବେଶ୍ ହଇରାଣ ହେବାକୁ ପଡିଥାଏ। ନିକଟରେ ସେପରି ଏକ ପରିସ୍ଥିତିର ସାମ୍ନା କରିଥିଲେ ରଣବୀର କପୁର। ବମ୍ବେସ୍ଥିତ ଏକ କଫି ପବ୍‌ରୁ ବାହାରିବା ସମୟରେ କେତେଜଣ ପ୍ରଶଂସକ ତାଙ୍କ ସହ ସେଲ୍‌ଫି ନେବାକୁ ଇଚ୍ଛା ପ୍ରକାଶ କରିଥିଲେ। ଏହା ଦେଖି ରଣବୀର କିଛି ସମୟ ପାଇଁ କ'ଣ କରିବେ ଜାଣିପାରି ନ ଥିଲେ। ଶେଷରେ ସେମାନଙ୍କ ମନ ଖୁସି କରିବା ପାଇଁ ତାଙ୍କ ସହ ସେଲ୍‌ଫି ନେଇଥିଲେ। କିଛି ସମୟରେ ପ୍ରଶଂସକଙ୍କ ସଂଖ୍ୟା ବଢ଼ିଯାଇଥିଲା। କିଛି ସମୟ ପାଇଁ ରଣବୀର ସେଲ୍‌ଫି ନେବାରେ ଏମିତି ମଜ୍ଜି ଯାଇଥିଲେ ଯେ, ସେଠାରେ ଏତେ ଲୋକ ଏକାଠି ହୋଇଗଲେଣି ତାହା ଜାଣିପାରି ନ ଥିଲେ। ଯେତେବେଳେ ଚାରିଆଡ଼କୁ ଚାହିଁଲେ ସେତେବେଳେ ତାଙ୍କ ହୋସ୍ ଉଡିଯାଇଥିଲା। ପ୍ରଶଂସକଙ୍କଠାରୁ ମୁକୁଳି କାର ପର୍ଯ୍ୟନ୍ତ ଯିବାକୁ ତାଙ୍କୁ ପାଖାପାଖି ଦେଢ଼ଘଣ୍ଟା ଲାଗିଯାଇଥିଲା।

# ସାହସୀ ଅର୍ଚ୍ଚିତା



ଏପରି କେତେକ ଭୂମିକା ରହିଛି, ଯାହାକୁ ସକ୍‌ସେସ୍ କରିବାକୁ କଳାକାରଙ୍କୁ ବେଶ୍ ପରିଶ୍ରମ କରିବାକୁ ପଡ଼ିଥାଏ। କେବଳ ସେତିକି ନୁହେଁ, ସେପରି ଭୂମିକା ସେମାନଙ୍କୁ ମାଇଲେଜ୍ ମଧ୍ୟ ଦେଇଥାଏ। ବାସ୍, ସେଭଳି ଏକ ରୋଲ୍‌କୁ ନେଇ ଅର୍ଚ୍ଚିତାଙ୍କୁ ବେଶ୍ ପରିଶ୍ରମ କରିବାକୁ ପଡ଼ିଛି। ଚଳଚ୍ଚିତ୍ରଟି ହେଲା 'ଚାମ୍ପିୟନ'। ଜଣେ ସାଧାରଣ ତଥା ଗାଉଁଲି ଝିଅ କିପରି ବିଭିନ୍ନ ବାଧାବିଘ୍ନକୁ ସାମ୍ନାକରି ନିଜକୁ ଜଣେ ଖ୍ୟାତିସମ୍ପନ୍ନ ବକ୍ସର ଭାବରେ ପରିଚିତ କରାଇ ପାରୁଛି, ତାହା ଏହି ଓଡ଼ିଆ ସିନେମାରେ ଦେଖିବାକୁ ମିଳିବ। ଏଥିରେ ଅର୍ଚ୍ଚିତାଙ୍କ ଭୂମିକା ହେଲା କୀର୍ତ୍ତି। ତେବେ ଏପରି ରୋଲ୍ ପାଇଁ କିପରି ନିଜକୁ ପ୍ରସ୍ତୁତ କରିଥିଲେ ସେ । ଏ ସମ୍ପର୍କରେ ଅର୍ଚ୍ଚିତା କହନ୍ତି, 'ଏହି ଫିଲ୍ମ ପୂର୍ବରୁ ମୋତେ ବେଶ୍ ପରିଶ୍ରମ କରିବାକୁ ପଡିଥିଲା। ଜାତୀୟସ୍ତରର ନାମୀ ବକ୍ସର ଶିଶିର କୁମାର ପାଣିଗ୍ରାହୀଙ୍କ ନିକଟରୁ ପାଖାପାଖି ଦେଢ଼ ମାସ ବକ୍ସିଂ ଟ୍ରେନିଂ ନେଇଥିଲି। ଏହି ସମୟରେ ମମତା ପଣ୍ଡାଙ୍କ ଟିପ୍ସ ମୋତେ ବେଶ୍ ସହାୟକ ହୋଇଥିଲା। କେବଳ ସେତିକି ନୁହେଁ, ଏହି ଫିଲ୍ମର କ୍ଲାଇମାକ୍ସ ତିନି ଦିନ ଧରି ଶୁଟିଂ ହୋଇଥିଲା ଏବଂ ବକ୍ସିଂ ରିଂରେ ମୁଁ କେତୋଟି ଷ୍ଟଣ୍ଟ ଶଟ୍ ଦେଇଛି। ଏହାବ୍ୟତୀତ ସାଧାରଣ ଫାଇଟ୍ ସମୟରେ ମଧ୍ୟ ଷ୍ଟଣ୍ଟ ଶଟ୍ ଦେଇଛି।' ଡଙ୍ଗ୍ୟୁ ଏଣ୍ଟରଟେନ୍‌ମେଣ୍ଟ ବ୍ୟାନରରେ ଏହାର ପ୍ରଯୋଜନା କରିଛନ୍ତି ଏନ୍. ଗଙ୍ଗାଧର ଏବଂ ନିର୍ଦ୍ଦେଶନା ଦାୟିତ୍ୱ ସମ୍ଭାଳିଛନ୍ତି କେ. ମୁରଲୀକ୍ରିଷ୍ଣା। ଉକ୍ତ ଚଳଚ୍ଚିତ୍ରର ସଂଳାପ ରଚନା କରିଛନ୍ତି ଡ. ରଜନୀ ରଞ୍ଜନ।

ପ୍ରଥମ ରୋଜଗାର



ଲେଖିକା **ରାଜଲକ୍ଷ୍ମୀ ଦାଶ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

# ପ୍ରଥମ ଦରମା ନନାଙ୍କୁ ଦେଇଥିଲି

ଜନ୍ମ ମୋର ପୁରୀ ଜିଲା ବାସେଳୀ ସାହିରେ। କିନ୍ତୁ ପିଲାଦିନ, ପାଠପଢ଼ା ଓ ଚାକିରି ସବୁକିଛି ଭୁବନେଶ୍ୱରରେ। ପିଲାଦିନ ମୋର କଟିଥିଲା କଡ଼ା ଅନୁଶାସନ ଭିତରେ। ୟୁନିଟ୍-୬ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରୁ ମାଟ୍ରିକ୍ ପାସ୍ କରିବା ପରେ ରମାଦେବୀ ମହିଳା ମହାବିଦ୍ୟାଳୟରେ ପଢ଼ିଥିଲି। ସେଠାରୁ ଓଡ଼ିଆରେ ସ୍ନାତକ ପଢ଼ା ସାରି ରାଧାନାଥ ଟ୍ରେନିଂ କଲେଜରେ ବି.ଇଡି. କଲି। ପାଠ ପଢ଼ିଲି ଏଜୁକେଶନ ଲାଇନ୍‌ରେ କିନ୍ତୁ ଚାକିରି କଲି ଟେକ୍‌ନିକାଲ୍ ଲାଇନ୍‌ରେ। ଯେହେତୁ ବି.ଇଡି. ପଢ଼ା ସମୟରେ ଶର୍ଟ ହ୍ୟାଣ୍ଡ ଟାଇପ୍ ଶିଖୁଥିଲି, ସେଥିପାଇଁ ୧୯୮୪ ମସିହା ସେପ୍ଟେମ୍ବର ୩ ତାରିଖରେ ଓଡ଼ିଶା ସେକ୍ରେଟାରିଏଟ୍‌ରେ ଜୁନିୟର୍ ଷ୍ଟେନୋଗ୍ରାଫର୍ ଭାବେ ଯୋଗ ଦେଲି। ଘରେ ଆମେ ୫ ଭାଇଭଉଣୀ(୪ ଭାଇ ଓ ମୁଁ) ମଧ୍ୟରେ ମୁଁ ଥିଲି ବଡ଼। ବଡ଼ ଝିଅ ହିସାବରେ ମୋର ଦାୟିତ୍ୱ ବୋଧ ଥିଲା ଅନେକ। ଚାକିରି କରିବା ପରେ ନିଜ ଭିତରେ ଗୋଟାଏ ଆତ୍ମବିଶ୍ୱାସ ମଧ୍ୟ ବଢ଼ିଗଲା, ହଁ, କିଛି କରିପାରିବି ପରିବାର ପାଇଁ। ନୂଆ ଜାଗା, ନୂଆ ପରିବେଶ ତଥାପି ଅଫିସରମାନଙ୍କର ଆପଣାର ପଣିଆ ମୋତେ ଆଗକୁ ନେଇଥିଲା। ମାସ ଶେଷକୁ ଯେବେ ଚାକିରିର ପ୍ରଥମ ଦରମା ୭୨୯ଟଙ୍କା ୫୦ ପଇସା ପାଇଲି, ସେଦିନ ମୋତେ ବହୁତ ଖୁସି ଲାଗିଥିଲା। ଦରମା ତକ ଆଣି ନନାଙ୍କୁ ଦେଲି। ମୋ ଦରମା ଟଙ୍କା ଧରିଲା ପରେ ନନାଙ୍କ ଆଖିରୁ ଧାର ଧାର ହୋଇ ଲୁହ ଝରି ଯାଇଥିଲା ସେଦିନ। ସେ ଶିକ୍ଷକତା କରୁଥିଲେ। ତାଙ୍କ ପାଇଁ ସେକ୍ରେଟାରିଏଟ୍ ଥିଲା ଗୋଟାଏ ଅପହଞ୍ଚ ଇଲାକା। ସେଦିନ ନନାଙ୍କ ଆଖିରୁ ଝରି ଆସୁଥିବା ଲୁହ ଖୁସିର ଥିଲା କି ଦୁଃଖର ଥିଲା ଜାଣି ନ ଥିଲି। କିନ୍ତୁ ଟଙ୍କାଟିକୁ ଧରି ସେ ଗୋଟିଏ ବାକ୍ୟ ମୋତେ କହିଥିଲେ, 'ମୋ ସଂସାର ଆଜିଠୁ ତତେ ଲାଗିଲା'। ସେ ବୋଧେ ମୋ ଭିତରେ କିଛିଟା ସାହାରା ଖୋଜୁଥିଲେ। ମୋ ଦରମା, ମୋ ଚାକିରି ତାଙ୍କୁ ଯେମିତି ଭରସାଟିଏ ଦେଇଥିଲା। ମୋ ଦରମା ଟଙ୍କାରୁ ମାତ୍ର ୨୯ ଟଙ୍କା ୫୦ ପଇସା ନନା ରଖିଥିଲେ ବନଦୁର୍ଗାଙ୍କ ପାଖରେ ଭୋଗ ଚଢ଼ାଇବା ପାଇଁ। ବାକି ଟଙ୍କାରେ ସାନ ଭାଇମାନଙ୍କ ପାଇଁ ଡ୍ରେସ୍‌ପତ୍ର କିଣିବାକୁ କହିଥିଲେ। ୭୨୯ଟଙ୍କା ୫୦ ପଇସା ଯଦିଓ ଆଜି ବହୁତ କମ୍ ଲାଗୁଛି କିନ୍ତୁ ସେତେବେଳେ ଏହାର ମୂଲ୍ୟ ଢେର୍ ଅଧିକ ଥିଲା। ତେବେ ଜୁନିୟର୍ ଷ୍ଟେନୋଗ୍ରାଫର୍‌ରୁ କ୍ୟାରିୟର୍ ଆରମ୍ଭ କରି କ୍ରମେ ସଫଳତାର ପାହାଚ ଚଢ଼ି ଚଢ଼ି ଆଜି ପ୍ରାଇଭେଟ୍ ସେକ୍ରେଟାରି ହେଲିଣି। ତା'ସହିତ ପିଲାଦିନରୁ ଲେଖାଲେଖିର ଅଭ୍ୟାସ ଥିବାରୁ ୟା'ଭିତରେ ଅନେକ ଗପ, କବିତା ତଥା ପ୍ରବନ୍ଧ ବି ଲେଖିସାରିଲଣି। ଏପରି କି 'ପବିତ୍ର ପାପ' ଏବଂ 'ବାଲି ଗରଡ଼ା ଓ ଅନ୍ୟାନ୍ୟ ଗଳ୍ପ' ନାମରେ ଦୁଇଟି ଗଳ୍ପ ସଂକଳନ ମୋର ପ୍ରକାଶ ପାଇସାରିଲାଣି।

# ଘଡ଼ିଏ ଛାଇ ଘଡ଼ିଏ ଖରା, ଫୁଲେଇ ପ୍ରେମିକା ନ ଦିଏ ଧରା

**ପ୍ରଶ୍ନ**-ସବୁ ଝିଅଙ୍କ ହସ ପଛରେ ପ୍ରେମ ଲୁଚି ରହିଥାଏ କି?

*-ତପନ ଦାସ, ହାଟଡିହି, କେନ୍ଦୁଝର*

**ଉତ୍ତର:** ଝିଅ ହସ ପଛରେ ପ୍ରେମ ଲୁଚି ରହିଥାଏ-ଏ କଥା ଭାବିବା ପୂର୍ବରୁ ସେ ଝିଅର ମାନସିକତାକୁ ଭଲ ଭାବରେ ଷ୍ଟଡି କରନ୍ତୁ। କାରଣ କେତେକ ହସ ପଛରେ ଅନ୍ୟ ଅଭିସନ୍ଧି ଲୁଚି ରହିଥାଏ। କେବଳ ସେହି ହସକୁ ପଢ଼ୁଥିବା ଲୋକର ମଗଜ ଥିବା ଦରକାର। ଯଦି ସବୁ ହସକୁ ପ୍ରେମର ପହିଲି ସିଗ୍‌ନାଲ ଭାବିନିଅନ୍ତି, ତେବେ ବେଳେବେଳେ ଅସୁବିଧାରେ ପଡ଼ିବାର ସମ୍ଭାବନା ରହିଛି। ତେଣୁ ସେହି ହସକୁ ତର୍ଜମା କରି ଆଗକୁ ପାଦ ପକାନ୍ତୁ। ଯଦି ତରତର ହେବେ, ତେବେ ପରିସ୍ଥିତି ଅସମ୍ଭାଳ ହେଲେ ପିଠିରେ ପଡ଼ିବାକୁ କେହି ନ ଥିବେ।

**ପ୍ରଶ୍ନ**-ମୁଁ ଯାହାକୁ ପ୍ରେମ କରିବାକୁ ବାହାରିଛି ସେ ଭାରି ଫୁଲେଇ। ତାକୁ କେମିତି ପ୍ରେମ ନିବେଦନ କରିବି ଜାଣିପାରୁନାହିଁ।

*-ସନାତନ ସାହୁ, ସୋନପୁର*

**ଉତ୍ତର:** ଘଡ଼ିଏ ଛାଇକୁ ଘଡ଼ିଏ ଖରା, ଫୁଲେଇ ପ୍ରେମିକା ନ ଦିଏ ଧରା। ଯାହା କହନ୍ତୁ ନା କାହିଁକି ଫୁଲେଇ ପ୍ରେମିକା ଭାରି ଚାତୁରି। ତାକୁ ପ୍ରେମ ଜାଲରେ ବାନ୍ଧି ରଖିବାକୁ ଟିକେ କସରତ କରିବାକୁ ପଡ଼ିଥାଏ। ଯଦି ସେପଟୁ କିଛି ସିଗ୍‌ନାଲ ମିଳୁଛି ତେବେ ଡେରି କାହିଁକି କରୁଛନ୍ତି? ଧାଡ଼ି ଦେଖି ମାଡ଼ିଯାଆନ୍ତୁ ନା ! ନ ହେଲେ ମାରିନେବେ ମହାପାତ୍ରେ ଚାହିଁଥିବେ ଜଳକା। ତେଣୁ ଡେରି ନ କରି ବେଳକାଳ ଦେଖି ନିଜର ପ୍ରେମ ମିଶନ ଆରମ୍ଭ କରିଦିଅନ୍ତୁ।

**ପ୍ରଶ୍ନ**-ଯାହାକୁ ପାଞ୍ଚବର୍ଷ ଧରି ମନପ୍ରାଣ ଦେଇ ଭଲ ପାଉଥିଲି ସେ ମୋ ସାଙ୍ଗକୁ ବାହା ହୋଇଗଲା। ଏବେ ମୁଁ କ'ଣ କରିବି?

*-ପ୍ରଶାନ୍ତ ମହନ୍ତ, ବାଲେଶ୍ୱର*

**ଉତ୍ତର:** ଯାହାକୁ ଭଲ ପାଉଥିଲେ ସେ ଆପଣଙ୍କ ସାଙ୍ଗକୁ ବାହା ହୋଇ ଆପଣଙ୍କୁ ଧର୍ମସଙ୍କଟରେ ପକାଇ ଦେଇଛି। ଠିକ୍‌ବେଳକୁ ଆପଣଙ୍କ ପ୍ରେମ କାହିଁକି ପାଣିଚିଆ ହୋଇଗଲା ତାହାର କାରଣ ଖୋଜିଲେ ଆଉ ତ କିଛି ଲାଭ ହେବନି। କାରଣ ସେ ଏବେ ଆଉ ଜଣକୁ ତା' ମନ ଭିତରେ ସ୍ଥାନ ଦେଇ ଘରସଂସାର କରିସାରିଲାଣି। ସେଭଳି ପ୍ରେମକୁ ଯେତେ ଉଖୁରେଇବ ଯନ୍ତ୍ରଣା ସେତେ ବେଶି ହେବ। ଆପଣଙ୍କ ପ୍ରେମିକା ଆପଣଙ୍କ ହୃଦୟରେ ଯେଉଁ ଦାଗ ଲଗାଇ ଦେଇ ଯାଇଛି, ତାହା ତ ଲିଭିବା କଷ୍ଟ, ହେଲେ ନିଜ ମନକୁ ବୁଝାଇ ଆଗେଇବାକୁ ଚେଷ୍ଟା କରନ୍ତୁ।

**ପ୍ରଶ୍ନ**-ପ୍ରେମ କରି ଅନେକଥର ନାମ ନେଇସାରିଲିଣି। ତଥାପି ପ୍ରେମ କରିବାକୁ ମନ ହେଉଛି। କ'ଣ କରିବି?

*-ପ୍ରକାଶ କୁମାର, ପୁରୀ*

**ଉତ୍ତର:** ଆପଣଙ୍କ ପ୍ରଶ୍ନରୁ ଯାହା ଜଣାପଡୁଛି ଆପଣଙ୍କୁ ପ୍ରେମର ନିଶା ଫୁଲ୍ ଘାରିଛି। କାରଣ ଏଥିରେ ବାରମ୍ବାର ବୁଦ୍ଧି ଶିଖିଲା ପରେ ମଧ୍ୟ ସେ ନିଶା ସହଜରେ ମୁଣ୍ଡରୁ ଖସୁନି। ଯଦି ପ୍ରେମକୁ ଠିକ୍ ଭାବରେ ହ୍ୟାଣ୍ଡେଲ କରିପାରୁନାହାନ୍ତି, ତେବେ କାହିଁକି ସେ କାଦୁଅରେ ଗୋଡ଼ ପୂରାଇ ମନସ୍ତାପ କରୁଛନ୍ତି? ସେପରି ନିଶା ନିଜ ମୁଣ୍ଡରୁ ଯେତେଶୀଘ୍ର ଖସାଇ ଦେବେ ତାହା ଆପଣଙ୍କ ପାଇଁ ଭଲ ହେବ।







# ସାଇକେଲ







**ସୁଜ୍ ସାଇକେଲ୍–** ଏହି ସାଇକେଲରେ ନାହିଁ ସାଧାରଣ ଟାୟାର ଟ୍ୟୁବ୍ ଥିବା ଚକ। ବରଂ ପ୍ରତିଦିନ ପିନ୍ଧା ଯାଉଥିବା ସୁଜ୍ ବା ସ୍ନିକର୍‌କୁ ଗୋଲାକାରରେ ରଖି ତିଆରି କରାଯାଇଛି ଏହାର ଚକ। ଆଉ ପ୍ରତି ଚକରେ ଲାଗିଛି ୬ଟି ଲେଖାଏଁ ସୁଜ୍। ଏଣୁ ଏହି ସାଇକେଲ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥାଏ। ହେଲେ ଏହା ଅଧିକ ବେଗରେ ଚାଲିପାରେ ନାହିଁ।

**ତ୍ରିକୋଣାକାର ଚକ ଥିବା ସାଇକେଲ–** ଏହା ପରିଚିତ ରିଉଲକ୍ସ ଟ୍ରାଏଙ୍ଗଲ୍ ବାଇକ୍ ଭାବେ। ଫିଲ୍ ମିଲର୍, ଯେ କି ଜଣେ ମେକାନିକାଲ୍ ଇଞ୍ଜିନିୟର୍ ଓ ଯିଏ କୃତ୍ରିମ ହୃତ୍‌ପିଣ୍ଡ ତିଆରି କରିଥିଲେ ସେ ତିଆରି କରିଛନ୍ତି ଉକ୍ତ ସାଇକେଲ୍‌କୁ। ଦେଖିବାକୁ ଏହା ଅଜବ ଓ ଚଳାଇବା ଯୋଗ୍ୟ ନ ଲାଗିଲେ ବି ଏହାକୁ ଚଳାଇ ହୁଏ।

**ସ୍କିଂ ସହ ସାଇକେଲିଂ ହେଉଥିବା ସାଇକେଲ–** ବରଫ ଉପରେ ଫ୍ୟାଟ୍ ବାଇକ୍ ବା ମୋଟା ଚକ ଥିବା ସାଇକେଲ ଚଲା ଯାଇଥାଏ। ଯଦି ଏହି ସାଇକେଲ୍‌ରେ ଏକ ସ୍କେଟ୍ ବୋର୍ଡ ଲଗାଇ ଦିଆଯାଏ, ଭାବନ୍ତୁ କେମିତି ହେବ। ସେମିତି ଏକ ସାଇକେଲ ବାସ୍ତବରେ ଅଛି, ଯାହାର ଆଗପଟେ ସ୍କେଟ୍ ବୋର୍ଡ ଓ ପଛରେ ରହିଛି ଚକ। ବରଫାବୃତ ଗଡାଣିଆ ସ୍ଥାନରେ ଦ୍ରୁତ ଗତିରେ ଚଳାଇବା ପାଇଁ ଏହା ବେଶ୍ ଉପଯୋଗୀ।

**ସବୁଠୁ ଲମ୍ବା ସାଇକେଲ–** ଏହି ସାଇକେଲର ଲମ୍ବ ୧୧୭ ଫୁଟ୍। ତେଣୁ ଏହା ଗିନିଜ୍ ୱାର୍ଲଡ ରେକର୍ଡରେ ସ୍ଥାନ ପାଇଛି। ଏହାକୁ ଚଳାଇବା ଲାଗି ଦୁଇଜଣ ଆବଶ୍ୟକ ହୁଅନ୍ତି। ଆଗରେ ବସୁଥିବା ବ୍ୟକ୍ତି ହ୍ୟାଣ୍ଡଲ ସମ୍ଭାଳନ୍ତି ଓ ପଛ ବ୍ୟକ୍ତି ପ୍ୟାଡେଲିଂ କରନ୍ତି। ଡଚ୍ ସାଇକେଲିଂ ସଂସ୍ଥାର ସଦସ୍ୟ ମିଜ୍‌ଲ ଭାନ୍ ମେର୍‌ସ ରେକ୍ ପ୍ଲୋଏଗ୍ ଏହାକୁ ତିଆରି କରିଥିଲେ।

**ଟ୍ରେଡ୍‌ମିଲ୍ ସାଇକେଲ୍–** ଡଚ୍‌ମ୍ୟାନ୍ ବ୍ରୁଇନ୍ ବର୍ଜମିଷ୍ଟର୍ ତିଆରି କରିଥିଲେ ଏହି ସାଇକେଲ। ଏହା ସ୍କୁଟର, ଇଲେକ୍ଟ୍ରିକ୍ ବାଇକ୍ ଓ ଟ୍ରେଡ୍ ମିଲ୍‌ର ଏକ ମିଶ୍ରଣ। ଏଥିରେ ଏକ ମୋଟର୍ ସଂଯୁକ୍ତ ହୋଇଛି। ସାଇକେଲ୍ ଉପରେ ଟ୍ରେଡ୍ ମିଲ୍ ରହିଛି। ଏହା ଉପରେ ଚାଲିବା ଦ୍ୱାରା ମୋଟର ଚାଲିଥାଏ ଓ ସାଇକେଲ୍ ଗତିଶୀଳ ହୁଏ। ଏହା ଥରେ ଚାର୍ଜ ହେଲେ ୩୦–୫୦ ମାଇଲ ଯାଇପାରେ। ଆଉ ଏଥିରେ ଥିବା ଗିୟର୍ ମାଧ୍ୟମରେ ଟ୍ରେଡ୍ ମିଲ୍‌ର ଗତି କମ୍ ବା ଅଧିକ କରାଯାଇପାରେ।

**ଷ୍ଟ୍ରଲର୍ କମ୍ ସାଇକେଲ୍–** ଏହି ସାଇକେଲ ମା'ମାନଙ୍କ ପାଇଁ ବେଷ୍ଟ। କାରଣ ଏଥିରେ ସେ ନିଜର କୁନି ଛୁଆକୁ ସାଙ୍ଗରେ ନେଇ ବୁଲିପାରିବେ। ଏହା ସାଇକେଲ୍ ସହ ଷ୍ଟ୍ରଲର୍ ବା ପିଲାଙ୍କୁ ବୁଲାଇବା ପାଇଁ ନିର୍ମିତ ଗାଡିର ବି କାମ କରେ। ସାଇକେ୍‌ଲର ସାମ୍‌ନା ଭାଗ ଷ୍ଟ୍ରଲର୍ ପରି ହୋଇଥାଏ। ତେଣୁ ପେଡାଲିଂ କରି ଗଲାବେଳେ ସାଥିରେ କୁନି ପିଲା ବି ଆରାମରେ ବସି ଆପଣଙ୍କ ସହ ବୁଲିପାରିବ।

**ହାଇଡ୍ରୋଫୋଇଲ୍ ସାଇକେଲ–** ଏହି ସାଇକେଲ ଚାଲିଥାଏ ପାଣି ଉପରେ। ମାଣ୍ଟା ୫ ହାଇଡ୍ରୋଫୋଇଲ୍ ,ଏକ୍ସଇ–୧ ନାମରେ ପରଚିତ ଏହି ବାଇକ୍ ଆଲୁମିନିୟମ୍ ଫ୍ରେମ୍ ସହ କାର୍ବନ ଫାଇବର୍ ହାଇଡ୍ରୋଫୋଇଲ୍ସରେ ନିର୍ମିତ। ଏଥିରେ ମୋଟର ବି ସଂଯୁକ୍ତ ଥାଏ। ଏହାକୁ ସମୁଦ୍ରର ଲହଡିରେ ପେଡାଲ ମାରି ଚଳାଇବା ସହଜ ହୁଏ।

**ଲାପ୍‌ଟପ୍ ଚାର୍ଜ କରୁଥିବା ସାଇକେଲ–** ଏହା ଏମିତି ଏକ ଇଲେକ୍ଟ୍ରିକ୍ ସାଇକେଲ୍, ଯେଉଁଥିରେ ଆପଣଙ୍କ ଲାପଟପ୍ ପାଇଁ ଡକିଂ ଷ୍ଟେଶନ୍ ରହିଛି। ସାଇକେଲ ଚଳାଇଲେ ଏହାର ବ୍ୟାଟେରି ଦ୍ୱାରା ଲାପଟପ୍ ଚାର୍ଜ ହୁଏ।

ଏହାବ୍ୟତୀତ ସୋଫା ପରି ସାଇକେଲ, କ୍ୟାମ୍ପର ସାଇକେଲ, ସି' ସ' ଖେଳ ପରି ସାଇକେଲ, ଏକାଧିକ ବ୍ୟକ୍ତି ମିଟିଂ କଲାଭଳି କନ୍‌ଫରେନ୍ସ ସାଇକେଲ, ସମ୍ପୂର୍ଣ୍ଣ ଭାବେ ଫୋଲ୍ଡ ହୋଇପାରୁଥିବା ସାଇକେଲ ଭଳି ଅନେକ ଅଜବ ସାଇକେଲ ରହିଛି, ଯାହାକୁ ଦେଖିଲେ ଚଳାଇବାର ମୋହ ଆପେ ଆପେ ଜାଗ୍ରତ ହେବ।

ପିଲାଦିନ, ସାଇକେଲ ଓ ସାଙ୍ଗସାଥୀ। ଏସବୁର ସ୍ମୃତି ବେଶ୍ ନିଆରା ଓ ଅଭୁଲା। ବଡ଼ ହେବା ସହ ଯଦିଓ ଗାଡ଼ିର ସଉକ ବଢ଼ିଥାଏ, ହେଲେ ସାଇକେଲର ମଜା କେବେ ଭୁଲି ହୁଏନା। ଏବେ ତ ବଜାରରେ ମିଳୁଛି ଅନେକ ଷ୍ଟାଇଲିଶ୍ ଓ ଅଜବ ସାଇକେଲ୍, ଯାହାକୁ ଦେଖି ଛୋଟଠୁ ବଡ଼ ସମସ୍ତେ ଚାହିଁବେ ତାକୁ ଥରେ ଚଳାଇବାକୁ...








# ମଡେଲ ମିରର୍




ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି–୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ: ମାନସ ଓଝା

## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

# ହାଃ ହାଃ

## ବିବାହ

ରମେଶ ଜଣେ ବାବାଙ୍କ ପାଖକୁ ଯାଇ– ମୋର ବାହାଘର ହେଇପାରୁନି କ'ଣ କରିବି ? କେବେ ହେବ କହିପାରିବେ ?
ବାବା– ଯେମିତି ପାପର କଳସ ପୂର୍ଣ୍ଣ ହେଲେ ମଣିଷର ମୃତ୍ୟୁ ହୁଏ। ସେହିଭଳି ଯେବେ ତୁମ ଖୁସିର କଳସ ପୂର୍ଣ୍ଣ ହୋଇଯିବ ତୁମର ବିବାହ ନିଶ୍ଚୟ ହୋଇଯିବ।


## ବଡ଼

ପୁଅ ଝିଅକୁ– ମତେ ବାହା ହେଇଯାଅ। ମୋ ବାପା ଗାଁର ସବୁଠୁ ବଡ଼ ମଣିଷ।
ଏହାପରେ ଝିଅ ରାଜି ହୋଇଗଲା। ଆଉ ବିବାହ ହୋଇଗଲା। ବିବାହ ପରେ ଜାଣିଲା– ପୁଅର ବାପାଙ୍କ ବୟସ ଗାଁର ସମସ୍ତଙ୍କଠୁ ବଡ଼। ମାନେ ୧୧୦ ବର୍ଷ।

## ବୁଲୁଥିଲି

ଶିକ୍ଷକ ପିଣ୍ଟୁକୁ– ତୁ କାଲି ସ୍କୁଲକୁ କାହିଁକି ଆସି ନ ଥିଲୁ ?
ପିଣ୍ଟୁ– କହିବିନି।
ଶିକ୍ଷକ ଚାପୁଡା ମାରି– ଶୀଘ୍ର କହ।
ପିଣ୍ଟୁ– ଭାଲେଣ୍ଟାଇନ୍ସ ଡେ' ଥିଲା ତ ଗାର୍ଲଫ୍ରେଣ୍ଡ ସହ ବୁଲୁଥିଲି।
ଶିକ୍ଷକ– ଏତିକି ଟିକି ପିଲା ହେଇ ଗର୍ଲଫ୍ରେଣ୍ଡ ଧରିକି ବୁଲୁଛୁ ? କିଏ ଥିଲା ସେଇ ଝିଅ ?
ପିଣ୍ଟୁ– ଆପଣଙ୍କ ଝିଅ।

ପିଲାଦିନେ କଣ୍ଢେଇ ଅବା ଖେଳଣା ଧରି ଖେଳିବାର ମଜା ପ୍ରାୟ ସମସ୍ତେ ଅନୁଭବ କରିଥିବେ। କିନ୍ତୁ ଏମିତି କୌଣସି ସ୍ଥାନକୁ ବୁଲି ଯାଇଛନ୍ତି କି ଯେଉଁଠି ବିଭିନ୍ନ ପ୍ରକାର କଣ୍ଢେଇକୁ ସାଇତି ରଖାଯାଇଥିବାର ଆପଣ ଦେଖିବାକୁ ପାଇବେ। ଯଦି ନା ତା'ହେଲେ ଥରେ ଦିଲ୍ଲୀସ୍ଥିତ ଶଙ୍କର୍ସ ଇଣ୍ଟରନ୍ୟାଶନାଲ୍ ଡଲ୍ସ ମ୍ୟୁଜିୟମ୍ ବା ଶଙ୍କର ଅନ୍ତର୍ଜାତୀୟ କଣ୍ଢେଇ ସଂଗ୍ରହାଳୟ ଆଡ଼େ ଟିକେ ବୁଲି ଆସନ୍ତୁ ନା। ଏହି ସଂଗ୍ରହାଳୟରେ ଦେଶର ବିଭିନ୍ନ ପ୍ରାନ୍ତରୁ ସଂଗ୍ରହ କରାଯାଇଥିବା ବହୁ ପାରମ୍ପରିକ କଣ୍ଢେଇଗୁଡ଼ିକୁ ଦେଖିବାକୁ ମିଳିଥାଏ।





# କଣ୍ଢେଇ ସଂଗ୍ରହାଳୟ

## କିଏ ଓ କେବେ ସ୍ଥାପନା କରିଥିଲେ

ଲୋକପ୍ରିୟ ରାଜନୈତିକ କାର୍ଟୁନିଷ୍ଟ କେ.ଶଙ୍କର ପିଲ୍ଲଇ ଏହି କଣ୍ଢେଇ ସଂଗ୍ରହାଳୟର ସ୍ଥାପନା କରିଥିଲେ। ଏହି ସଂଗ୍ରହାଳୟର ନିର୍ମାଣ ପଛରେ ଏକ ରୋଚକ ଘଟଣା ରହିଛି। ଶଙ୍କର ପିଲ୍ଲଇ ଜଣେ କାର୍ଟୁନିଷ୍ଟ ହୋଇଥିଲେ ହେଁ ଶିଶୁ ସାହିତ୍ୟ କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ଅଗ୍ରଣୀ ଭୂମିକା ଗ୍ରହଣ କରି ଦିଲ୍ଲୀସ୍ଥିତ ବାହାଦୁର ଶାହ ଜାଫର୍ ମାର୍ଗରେ ସେ ପ୍ରଥମେ ଏକ ଚିଲ୍ଡ୍ରେନ୍ସ ବୁକ୍ ଟ୍ରଷ୍ଟ ସ୍ଥାପନ କରିଥିଲେ। ଏହାର କିଛିଦିନ ପରେ ତାଙ୍କୁ ହଙ୍ଗେରୀରୁ ଏକ କଣ୍ଢେଇ ଉପହାର ସ୍ୱରୂପ ମିଳିଥିଲା, ଯାହା ତାଙ୍କ ଜୀବନର ଗତିପଥକୁ ଏକ ଭିନ୍ନ ମୋଡ଼ ଦେଇଥିଲା। ଏହି କଣ୍ଢେଇଟି ପାଇଲା ପରେ ଦେଶର ବିଭିନ୍ନ ପ୍ରାନ୍ତରୁ କଣ୍ଢେଇ ସଂଗ୍ରହ କରିବାର ନିଶା ଶଙ୍କରଙ୍କ ଭିତରେ ଆସିଥିଲା। ଧୀରେ ଧୀରେ ତାଙ୍କ ପାଖରେ କଣ୍ଢେଇ ସଂଖ୍ୟା ବୃଦ୍ଧି ପାଇବାକୁ ଲାଗିଲା। ଏହାପରେ ସେ ଇଚ୍ଛା କଲେ ଦେଶର ବିଭିନ୍ନ ପ୍ରାନ୍ତରେ ରହୁଥିବା ଗରିବ ପିଲାମାନେ କେମିତି ଏହି କଣ୍ଢେଇଗୁଡ଼ିକୁ ଦେଖିବେ। ସେଥିପାଇଁ ସେ ଦେଶର ବିଭିନ୍ନ ସ୍ଥାନରେ ନିଜର କାର୍ଟୁନ ପ୍ରଦର୍ଶନୀ କରିବା ସଙ୍ଗେସଙ୍ଗେ କଣ୍ଢେଇ ପ୍ରଦର୍ଶନୀ ବି କଲେ। ବାରମ୍ବାର ଏଠାକୁ ସେଠାକୁ କଣ୍ଢେଇ ନବାଆଣିବା କରିବାରେ କିଛି କଣ୍ଢେଇ ଭାଙ୍ଗି ମଧ୍ୟ ଯାଉଥିଲା। କଣ୍ଢେଇଗୁଡ଼ିକୁ ସାଇତି ରଖିବା ପାଇଁ ଏକ ସ୍ଥାୟୀ ଘରର ବ୍ୟବସ୍ଥା କରିବାକୁ ଚିନ୍ତାକରି ଶେଷରେ ସେ ଚିଲ୍ଡ୍ରେନ୍ ବୁକ୍ ଟ୍ରଷ୍ଟ ଯେଉଁ ଭବନରେ ତିଆରି ହୋଇଥିଲା ତାହାର କିଛି ଅଂଶରେ ୧୯୬୫ ମସିହାରେ ଏହି କଣ୍ଢେଇ ସଂଗ୍ରହାଳୟ ଗଢିଥିଲେ।

## ସଂଗ୍ରହାଳୟରେ କ'ଣ ଦେଖିବେ

ଏହି ସଂଗ୍ରହାଳୟଟି ଯେବେ ଗଢ଼ି ଉଠିଥିଲା, ସେତେବେଳେ ପ୍ରାୟ ୫୦୦ଟି ଭିନ୍ନ ଭିନ୍ନ କଣ୍ଢେଇ ଏଥିରେ ସ୍ଥାନ ପାଇଥିଲା। ପରେ ଶଙ୍କର ପିଲ୍ଲଇ ବିଭିନ୍ନ ଆଡୁ ଆହୁରି ଅଧିକରୁ ଅଧିକ ପାରମ୍ପରିକ କଣ୍ଢେଇ ସଂଗ୍ରହ କରିବାକୁ ଲାଗିଲେ। ଏପରିକି କିଛି କଣ୍ଢେଇ ତାଙ୍କୁ ଉପହାର ସ୍ୱରୂପରେ ବି ମିଳିଲା। ଯଦ୍ୱାରା ଏବେ ଏହି ସଂଗ୍ରହାଳୟରେ ପ୍ରାୟ ୮୫ଟି ଭିନ୍ନ ଭିନ୍ନ ଦେଶର ପାଖାପାଖି ୬୫୦୦ରୁ ଉର୍ଦ୍ଧ୍ୱ କଣ୍ଢେଇ ଥିବା ଅନୁମାନ କରାଯାଏ। ତନ୍ମଧ୍ୟରୁ ଅଧିକାଂଶ କଣ୍ଢେଇ ଅନେକ ଦେଶ ତରଫରୁ ପିଲ୍ଲଇଙ୍କୁ ଉପହାର ଆକାରରେ ମିଳିଛି। ତେବେ ଏହି ସଂଗ୍ରହାଳୟର ଭିତର ପରିସୀମାକୁ ଦୁଇ ଭାଗରେ ବିଭକ୍ତ କରାଯାଇଛି। ଗୋଟିଏ ଭାଗରେ ୟୁରୋପୀୟ ଦେଶଗୁଡ଼ିକରୁ ଆସିଥିବା କଣ୍ଢେଇକୁ ସାଇତି ରଖାଯାଇଛି ତ ଅନ୍ୟ ଏକ ଭାଗରେ ଏସୀୟ ଦେଶଗୁଡ଼ିକର ବିଭିନ୍ନ ପ୍ରାନ୍ତରୁ ଆସିଥିବା ପାରମ୍ପରିକ କଣ୍ଢେଇଗୁଡ଼ିକୁ ସ୍ଥାନ ଦିଆଯାଇଛି। ଏଠାରେ ବିଭିନ୍ନ ଦେଶର ପାରମ୍ପରିକ ପୋଷାକ, ଅଳଙ୍କାର ପିନ୍ଧିଥିବା କଣ୍ଢେଇ ଦେଖିବାକୁ ମିଳୁଥାଏ। ତା'ଛଡ଼ା ବିଭିନ୍ନ ଦେଶର ସଂସ୍କୃତି ଓ ପରମ୍ପରାକୁ ମଧ୍ୟ ଏହି କଣ୍ଢେଇମାନଙ୍କ ଜରିଆରେ ଦର୍ଶାଇବା ପାଇଁ ଉକ୍ତ ସଂଗ୍ରହାଳୟ ତରଫରୁ ଭିନ୍ନ ପ୍ରୟାସ କରାଯାଇଥିବାରୁ ପର୍ଯ୍ୟଟକଙ୍କୁ ଏହା ବେଶ୍ ଆକର୍ଷିତ କରିଥାଏ। ସେଥିପାଇଁ ପ୍ରତିଦିନ ଏଠାରେ ବହୁ ସଂଖ୍ୟାରେ ପର୍ଯ୍ୟଟକ ଖାସ୍ କରି ଛାତ୍ରୀଛାତ୍ରମାନଙ୍କର ଭିଡ଼ ପରିଲକ୍ଷିତ ହୋଇଥାଏ।

## କେବେ ଓ କେମିତି ଯିବେ

ଏକ ରିପୋର୍ଟ ଅନୁଯାୟୀ, ପର୍ଯ୍ୟଟକଙ୍କ ଦେଖିବା ନିମନ୍ତେ ଏହି ସଂଗ୍ରହାଳୟଟି ସକାଳ ୧୦ଟାରୁ ସନ୍ଧ୍ୟା ୬ଟା ଯାଏ ଖୋଲା ରହିଥାଏ। ପ୍ରବେଶ ନିମନ୍ତେ ପ୍ରତ୍ୟେକଙ୍କୁ ଟିକେଟ୍ ମଧ୍ୟ କାଟିବାକୁ ହୋଇଥାଏ। ତେବେ ପ୍ରତି ସୋମବାର ତଥା ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଛୁଟିଦିବସ ମାନଙ୍କରେ ଉକ୍ତ ସଂଗ୍ରହାଳୟଟି ବନ୍ଦ ରହୁଥିବା ସୂଚନା ରହିଛି। ସେହିପରି ଏଠାକୁ ଯିବା ପାଇଁ ଗମନାଗମନର ମଧ୍ୟ ବେଶ୍ ଭଲ ସୁବିଧା ରହିଛି।







# କାଗଜ ଅକ୍ଟୋପସ୍

କାଗଜରେ ଡଙ୍ଗାଠୁ ଆରମ୍ଭ କରି ବେଙ୍ଗ, ଉଡାଜାହାଜ ପରି ଅନେକ ପେପର୍ ଆର୍ଟ କରାଯାଏ ପିଲାଙ୍କ ଖୁସି ପାଇଁ। ଏବେ ସେହି କାଗଜକୁ ନେଇ ହେଉଛି ଆହୁରି ଅନେକ ଚମତ୍କାର ପେପର୍ ଆର୍ଟ। ଠିକ୍ ଯେମିତି ଜାପାନର ମସାୟୋ ଫୁକୁଡା ଦୀର୍ଘ ୨୫ ବର୍ଷ ଧରି କରିଆସୁଛନ୍ତି କାଗଜର ଆର୍ଟ। କାଗଜକୁ ହାତରେ କାଟି ସେ ତାକୁ ଦିଅନ୍ତି ଅନେକ ରୂପ। ନିକଟରେ ତାଙ୍କ ହାତତିଆରି ଅକ୍ଟୋପସ୍‌ର ଏକ ଆର୍ଟ ହୋଇଛି ବେଶ୍ ଚର୍ଚ୍ଚିତ। ତାହା ଏତେ ନିଖୁଣ ଯେ, ଲାଗେ ସମ୍ପୂର୍ଣ୍ଣ ବାସ୍ତବ। ସେ ଗୋଟିଏ ସିଙ୍ଗଲ ସିଟ୍ ଏ୨ ପେପର୍‌କୁ କାଟି ତା'ର ଗୋଲାକାର ମୁଣ୍ଡ, ଆଖି, ବଙ୍କାଟଙ୍କା ଆଠଟି ଗୋଡ ତିଆରି କରିଛନ୍ତି। ଏହାକୁ ତିଆରି କରିବା ପାଇଁ ତାଙ୍କୁ ୨ ମାସ ସମୟ ଲାଗିଥିଲା। ପେପର୍, କଟର୍ ଓ ଭଲ ଆଲୋକ ବ୍ୟବସ୍ଥା ଏହାକୁ ତିଆରି କରିବା ପାଇଁ ଜରୁରୀ। କାଗଜର ଏହି କଳା ଜାପାନରେ କିରି ବା କିରିଗାମୀଭାବେ ପରିଚିତ। ଯେଉଁଥିରେ ଗୋଟିଏ କାଗଜକୁ କାଟି ବିଭିନ୍ନ ରୂପ ଦିଆଯାଏ।



## କାର୍ଟୁନ କର୍ଣ୍ଣର



# ସେଇ ସାତଦିନ...

ଜଣେ ଡ୍ୟାନ୍ସର ଭାବରେ ଯାତ୍ରାରେ ଯୋଗ ଦେଇଥିଲେ ମାମା ଓରଫ ରଶ୍ମିପ୍ରଭା ସାହୁ। ପ୍ରଥମ ପାର୍ଟି ଥିଲା 'ସାତଶଙ୍ଖ ଅପେରା'। 'ସାତଶଙ୍ଖ'ରୁ ମାମା ଆସିଲେ 'ଗୌରୀ' ଗଣନାଟ୍ୟକୁ। ଗୌରୀରେ ମଧ୍ୟ ଜଣେ ନୃତ୍ୟାଙ୍ଗନା ଭାବରେ ଯୋଗ ଦେଇଥିଲେ। ତେବେ ବୟସ କମ୍ ହୋଇଥିବାରୁ ତାଙ୍କୁ ଛୋଟମୋଟ ଶିଶୁ କଳାକାର ଭୂମିକାରେ ଅଭିନୟ କରାଉଥିଲେ ନିର୍ଦ୍ଦେଶକ। ମାମାଙ୍କର ବି ଅଭିନୟ ପ୍ରତି ରୁଚିଥିଲା। ସେ ମନେମନେ ଭାବୁଥିଲେ ତାଙ୍କୁ କୌଣସି ଏକ ନାଟକରେ ଅଭିନୟ କରିବାକୁ ସୁଯୋଗ ମିଳନ୍ତା କି? ଏମିତି ଅବସ୍ଥାରେ ସେ ଯୋଗଦେଲେ କୋଣାର୍କ ଗଣନାଟ୍ୟରେ। କୋଣାର୍କ ଗଣନାଟ୍ୟ ଅନୁଗୋଳରେ ନାଚ କରୁଥାଏ। ହଠାତ୍ ମାମାଙ୍କୁ ଏକ ଖାତା ଧରେଇ ଦିଆଗଲା। ଆଉ କୁହାଗଲା ଯେ, ଶେଷ ରାତିରେ ଏହି ନାଟକ ହେବ। ଆଉ ତମେ ସେଥିରେ ଅଭିନୟ କରିବ। ମାମା ପ୍ରଥମେ କିଛି ବୁଝିପାରିଲେ ନାହିଁ। କାରଣ ହାତରେ ଥିଲା ମାତ୍ର ସାତଦିନ ସମୟ। ଆଖିବୁଜି ଠାକୁରଙ୍କୁ ପ୍ରାର୍ଥନା କଲେ। ରାତିରେ ଡ୍ୟାନ୍ସ କରୁଥାନ୍ତି। ଦିନରେ ଖାତା ପଢୁଥାନ୍ତି। ହରଦମ୍ କିନ୍ତୁ ଠାକୁରଙ୍କୁ ଡାକୁଥାନ୍ତି: 'ପ୍ରଭୁ, ମୋତେ ତମେ ଉଦ୍ଧାର କର।' ସାତ ଦିନ ସରିଗଲା। ଆସିଲା ସେହି ଦିନ ଯେଉଁଦିନ ମଞ୍ଚସ୍ଥ ହେବ ନାଟକ : 'କାଲି ରାତିରେ କୋଉଠି ଥିଲ'। ପ୍ରଭୁଙ୍କୁ ପ୍ରାର୍ଥନା କରି ମଞ୍ଚକୁ ଚଢ଼ିଲେ ମାମା। ଜୀବନର ପ୍ରଥମ ନାଟକରେ ପାର୍ଶ୍ୱ ଅଭିନେତ୍ରୀ ଭାବରେ ଅଭିନୟ କଲେ। ନାଟକ ସରିଲା। ଦର୍ଶକମାନଙ୍କର ବାହାବା ଆଉ ସହକଳାକାରମାନଙ୍କର ପ୍ରଶଂସା ମିଳିବା ପରେ ମାମା ଜାଣିଲେ ଯେ, ଭଗବାନ ତାଙ୍କୁ ସାତଦିନର ପରୀକ୍ଷାରେ ଉତ୍ତୀର୍ଣ୍ଣ କରାଇଛନ୍ତି।

ଏହା ଭିତରେ ସେ ଅନେକ ନାଟକ କରିଛନ୍ତି। ଅନେକ ନାଟକରେ ନାୟିକା ସାଜିଛନ୍ତି। ତେବେ ପ୍ରଥମ ନାଟକ ଆଉ ସେଇ ସାତଦିନର ଘଟଣା ତାଙ୍କର ଅଭୁଲା ସ୍ମୃତିଟିଏ ହୋଇ ରହିଯାଇଛି। ମାମା ଏହି ଯାତ୍ରାରୁ ପାଇଛନ୍ତି ତାଙ୍କ ଜୀବନ ସାଥୀ ଅଭିନେତା ରଣଜିତ ସାହୁଙ୍କୁ। ସ୍ୱାମୀଙ୍କ ସହିତ ମାମା ସମ୍ପ୍ରତି ସତ୍ୟ ଯେନାଙ୍କ 'ରଙ୍ଗମହଲ'ର ମୁଖ୍ୟ ନାୟିକା ଦାୟିତ୍ୱ ନିର୍ବାହ କରୁଛନ୍ତି। ମାମା ଅଭିନୟ କରିଥିବା ଲୋକପ୍ରିୟ ନାଟକଗୁଡ଼ିକ ମଧ୍ୟରେ ରହିଛି 'କାଲି ରାତିରେ କୋଉଠି ଥିଲ', 'କଣ୍ଢେଇ ନାଚ', 'ଏଠି ସବୁ କିଣା ପ୍ରେମ ମାଗଣା', 'ସ୍ୱାମୀମାନେ ସାବଧାନ', 'କଥା ଉଠିଛି ତୋ ନାଁରେ', 'ସ୍ତ୍ରୀମାନେ ସାବଧାନ', 'ସ୍ୱାମୀର ସିନ୍ଦୂର ସତ ଲାଗୁନି' ଏବଂ ଆହୁରି ଅନେକ। ଚଳିତ ବର୍ଷ 'ରଙ୍ଗମହଲ୍'ର ନାଟକଗୁଡ଼ିକ ମଧ୍ୟରେ ରହିଛି 'ସବୁ ମାୟାରେ ବାୟା', 'କେମିତି ରାତି ସେ କେମିତି ସାଥୀ', 'ଅଧେ ତୋର ଅଧେ ମୋର', 'ବାହା ହେଇଛ ନା ବାଡୁଅ ଅଛ' ଏବଂ 'ମିଛୁଆ ରାଧୁଆ ଗପ ସରିଲା'।



ମାମା




ତ୍ରିଲୋଚନ

## ଅଭିଜ୍ଞ ଅଭିନେତା

ପିଲାବେଳ କଥା। ବତା ସାଜୁଥିଲା ଖଣ୍ଡା। ଷଢ଼େଇ ସାଜୁଥିଲା ମାଇକ୍। କଦଳୀପଟୁଆ ହେଉଥିଲା ମାଇକ୍‌ର ତାର। ବାପାଙ୍କର ପୁରୁଣା ଧୋତି ନ ହେଲେ ମା'ଙ୍କର ପୁରୁଣା ଶାଢ଼ି ପାଲଟୁଥିଲା ମଞ୍ଚ। ହାଣ୍ଡିକଳା ଆଉ ନାଲି ଇଟାର ଗୁଣ୍ଡକୁ କରାଯାଉଥିଲା ମେକ୍ ଅପ୍ ସାମଗ୍ରୀ। ଗାଁର ସାଥୀ ପିଲାଙ୍କୁ ନେଇ ଆରମ୍ଭ ହେଉଥିଲା ନାଟକ। କେତେବେଳେ ସେ ସାଜୁଥିଲେ ମହାରାଜ ତ ପୁଣି କେତେବେଳେ ସେନାପତି। ଏବେ କିନ୍ତୁ ସମୟ ବଦଳିଯାଇଛି। ମୁହଁରେ ସତସତିକା ମେକ୍ ଅପ୍ ବୋଳି ସେ ଆସୁଛନ୍ତି ମଞ୍ଚକୁ। ଆଉ ତାଙ୍କ ଗମ୍ଭୀର ଗଳାର ଆୱାଜ୍ ଶୁଣି ଦର୍ଶକ ହେଉଛନ୍ତି ଉଲ୍ଲସିତ। ଏଠାରେ ଯାହାଙ୍କ କଥା କୁହାଯାଉଛି ସେ ହେଉଛନ୍ତି ଓଡ଼ିଆ ଯାତ୍ରା ଜଗତର ଅଭିଜ୍ଞ ଅଭିନେତା ତ୍ରିଲୋଚନ ସାହୁ। କଟକ ଜିଲା ଅନ୍ତର୍ଗତ ମାହାଙ୍ଗା ଗୌଡ଼ଗୋପ ଗାଁରେ ଜନ୍ମ ତ୍ରିଲୋଚନ ସାହୁଙ୍କର। ବାପା ନକୁଳି ଚରଣ ସାହୁ ଏବଂ ମା' ସ୍ୱର୍ଗତା ଶଶିରେଖା ସାହୁ। କଳା ପ୍ରତି ତ ପିଲାବେଳୁ ଦୁର୍ବଳ ଥିଲେ ତ୍ରିଲୋଚନ। ତେବେ ଯାତ୍ରାକୁ କ୍ୟାରିୟର କରିବେ ବୋଲି ଭାବି ନ ଥିଲେ। ତାଙ୍କର ଇଚ୍ଛା ଥିଲା ଭାରତୀୟ ପ୍ରତିରକ୍ଷା ବାହିନୀରେ ଯୋଗଦେବେ। ନ ହେଲେ ଓଡ଼ିଶା ପୋଲିସରେ ଚାକିରିଟିଏ କରିବେ। ସ୍ନାତକ ପରେ ପରେ ସେଥିପାଇଁ ଉଦ୍ୟମ ମଧ୍ୟ ଆରମ୍ଭ କରିଦେଇଥିଲେ। ମାତ୍ର ଭାଗ୍ୟର ଉଦ୍ଦେଶ୍ୟ ଥିଲା ଅଲଗା। ଭାଗ୍ୟ ଚାହୁଁଥିଲା ତ୍ରିଲୋଚନ ନାଟୁଆ ହୁଅନ୍ତୁ। ଓଡ଼ିଆ ଦର୍ଶକଙ୍କ ମନୋରଞ୍ଜନ କରନ୍ତୁ। ସେଥିଲାଗି ୧୯୯୧ରେ ସେ ଯୋଗଦେଲେ ଉତ୍କଳ ଗଣନାଟ୍ୟରେ। ପ୍ରଥମ ନାଟକ ଥିଲା 'ପାଗିଳି ଆସିଛି ଆମ ଗାଁକୁ'। ସୁନ୍ଦର ଚେହେରା ସାଙ୍ଗକୁ ଓଜନଦାର ଗଳା। ବାସ୍, ସେ ପାଲଟିଗଲେ ପ୍ରଯୋଜକ, ନିର୍ଦ୍ଦେଶକଙ୍କ ପ୍ରିୟପାତ୍ର। 'ନାୟକରୁ ଚରିତ୍ର ଅଭିନେତା – ସବୁପ୍ରକାର ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି ତ୍ରିଲୋଚନ। ଆଉ ଏବେ ମୁଖ୍ୟତଃ ସ୍ୱାଭିମାନୀ ବାପା ଭୂମିକାରେ ତାଙ୍କର ଅଭିନୟ ଦର୍ଶକଙ୍କୁ ବିମୋହିତ କରୁଛି। ଇତିମଧ୍ୟରେ ଯାତ୍ରା ଜଗତରେ ସେ ଦୀର୍ଘବର୍ଷ ଅତିକ୍ରମ କରିସାରିଲେଣି। ରଘୁନାଥ କଳାକୁଞ୍ଜ, ଜଗଜ୍ଜନନୀ ଅପେରା, ପାର୍ବତୀ ଗଣନାଟ୍ୟ, ତାରିଣୀ ଗଣନାଟ୍ୟ, ଯାତ୍ରା ତ୍ରିରଙ୍ଗା, ନ୍ୟୁ ବାଣେଶ୍ୱରୀ, ଯାତ୍ରା ଇନ୍ଦ୍ରଭୁବନ ଆଦି ଯାତ୍ରାନୁଷ୍ଠାନରେ ସଫଳତାର ସହିତ ଅଭିନୟ କରି ଏବେ ଆସି ପହଞ୍ଚିଛନ୍ତି 'ଇନ୍ଦ୍ରମହଲ'ରେ। ସେ ଅଭିନୟ କରିଥିବା ଲୋକପ୍ରିୟ ନାଟକଗୁଡ଼ିକ ମଧ୍ୟରେ ରହିଛି 'କିନ୍ତୁ ଏକ ନାଟକ ବାଜେ ନୁହେଁ', 'କଣ୍ଢେଇ ଦେଇ ଭଣ୍ଡେଇ ଦେଲୁ', 'ନାଲି ଟୁକୁଟୁକୁ ସାଧବ ବୋହୂ', 'ବଳାତ୍କାରୀକୁ ଫାଶୀ ଦିଅ', 'ଗୁମୁରି କାନ୍ଦୁଛି ଲୋଟଣୀ ପାରା', 'ସୁନାର ପଞ୍ଜୁରି ମାଟିର ଶାରୀ', 'କହିଦେଲେ ମୁଁ ମରିଯିବୁ ତୁ' ଏବଂ ଆହୁରି ଅନେକ। ତ୍ରିଲୋଚନ ତାଙ୍କର ଯାତ୍ରା କ୍ୟାରିୟର୍‌ର ଉତ୍‌ଥାନରେ ସବୁଠୁ ବେଶି ଶ୍ରେୟ ଦିଅନ୍ତି ତାଙ୍କର ଘନିଷ୍ଠ ବନ୍ଧୁ ତଥା ନାଟ୍ୟକାର ଏବଂ ପରିଚାଳକ ବଙ୍କିମ୍ ସ୍ୱାଇଁଙ୍କୁ। କହନ୍ତ, ବଙ୍କିମ୍ ବାବୁ କାଶିଆ ହେଲେ ମୁଁ ହେଉଛି କପିଳା। ଏମିତିକି ସେ ତାଙ୍କ ନାଟକରେ ଅଭିନୟ କରି ସର୍ବାଧିକ ସଫଳତା ପାଇଛନ୍ତି। ସେ କହନ୍ତି, ବଙ୍କିମ୍ ସ୍ୱାଇଁଙ୍କ ରଚିତ ନାଟକ 'କଣ୍ଢେଇ ଦେଇ ଭଣ୍ଡେଇ ଦେଲୁ'ର ଦାର୍ଶନିକ ଚରିତ୍ର 'ମିଷ୍ଟର ଏଭ୍ରିହୋୟାର' ତାଙ୍କୁ ତୁଳନାତ୍ମକ ଭାବରେ ସଫଳତା ଦେଇଛି। ଚଳିତ୍ରବର୍ଷ ଇନ୍ଦ୍ରମହଲରେ ତାଙ୍କ ଅଭିନୀତ ନାଟକ ମଧ୍ୟରେ ରହିଛି 'ଉର୍ବଶୀ ଆସୁଛି ଇନ୍ଦ୍ରମହଲ', 'ବଡ଼ ଲୋକକୁ ଉତ୍ତର ନାହିଁ' ଏବଂ 'ଶ୍ରୀକୃଷ୍ଣ ମୋର ଶେଷ ସାକ୍ଷୀ'।

## ସାତବର୍ଷ ଝିଅର କମାଲ

ବୟସ ମାତ୍ର ସାତବର୍ଷ। ହେଲେ ଚୁଟି କାଟିବାରେ ସେ ଏମିତି ଦକ୍ଷତା ଦେଖାଉଛନ୍ତି ଯେ ଦେଖିବା ଲୋକ ତାଟକା ହୋଇଯାଉଛନ୍ତି। ନୂଆ ନୂଆ ଷ୍ଟାଇଲ୍‌ରେ ଚୁଟି କାଟି ସେ ସମସ୍ତଙ୍କୁ ବିସ୍ମିତ କରିଦେଉଛନ୍ତି। ଏହି ଝିଅଟିର ନାମ ହେଉଛି ଆଲିଜା ହର୍ନାଣ୍ଡେଜ। ଆମେରିକାର ହ୍ୟୁଷ୍ଟନ୍ ସହରର ଏହି ଝିଅ ନା କାହାଠାରୁ ଟ୍ରେନିଂ ନେଇଛନ୍ତି ନା କେହି ତାଙ୍କୁ ଶିଖେଇଛନ୍ତି। ଆଲିଜାଙ୍କ ବାପା ଫ୍ରାଙ୍କି ହର୍ନାଣ୍ଡେଜ କହନ୍ତି, ସବୁଦିନେ ସେ ସେଲୁନ୍‌କୁ ଆସେ। ମୁଁ ଗ୍ରାହକଙ୍କ ହେୟାର କଟିଂ କରୁଥିବା ଦେଖେ। ଦେଖିଦେଖି ସେ ଏତେସବୁ ଶିଖିଛି। ବାସ୍ତବରେ ତା' ଭିତରେ ଜଣେ ଭଲ ହେୟାର ଡିଜାଇନର୍‌ର ଜିନ୍ ରହିଛି। ସମ୍ଭବତଃ ସେ ଏତେ କମ୍ ବୟସରୁ କୌଣସି ତାଲିମ ନ ନେଇ ଏଭଳି କାମ କରିପାରୁଛି।



## ବ୍ୟାକ୍ ପେଜ୍









# ମଡେଲ୍ କୁକୁର

ଚାଇନାରେ ଏବେ ଏକ ଆଫଗାନ ହାଉଣ୍ଡ ପ୍ରଜାତିର କୁକୁର ବେଶ୍ ଚର୍ଚ୍ଚିତ। ଏଜେ ନିର୍ବାନ୍ ବ୍ୟାଟେଲ ନାମକ ଏହି ୩ ବର୍ଷୀୟ କୁକୁର ଫ୍ୟାଶନ ମଡେଲଭାବେ ବି ପରିଚିତ ହେଉଛି। ସୁନ୍ଦର ପତଳା ଶରୀର ଥିବା ଏହି କୁକୁର ଫଟୋ ପାଇଁ ପୋଜ୍ ଦେବାକୁ ବହୁତ ଭଲ ପାଏ। ଆଉ ତା' ଶରୀର ବେଶ୍ ଲୋମଶ। ଲମ୍ବା ଲମ୍ବା ନରମ ଧଳା ଓ କଳା ରଙ୍ଗର ଲୋମ ତା' ସାରା ଶରୀରକୁ ଅଚ୍ଛାଦିତ କରିରଖିଛି। ଫଳରେ ସେ ବିଶେ ବେଶ୍ ଆକର୍ଷକ। ମାଲିକ କେଭିନ୍ ଚାନ୍ ବେଜିଂରେ ମାର୍କେଟିଂ ଡାଇରେକ୍ଟର ଭାବେ କାମ କରନ୍ତି। ଏଜେ ନିର୍ବାନ୍‌କୁ ଏହି ଖାସ୍ ଲୁକ୍ ଦେବା ପାଇଁ ସେ ବହୁତ ସମୟ ଦିଅନ୍ତି ଓ ଅନେକ ଖର୍ଚ୍ଚ ବି କରନ୍ତି। ପ୍ରତି ୭ରୁ ୧୦ ଦିନ ବ୍ୟବଧାନରେ ସେ ତାକୁ ଗାଧୋଇବା ଓ ଗ୍ରୁମିଂ ପାଇଁ ପ୍ରାୟ ୭-୮ ଘଣ୍ଟା ସମୟ ଦିଅନ୍ତି। ଗ୍ରୁମିଂ ଟୁଲ୍ ପାଇଁ ସେ ୧୫୦୦୦ ଡଲାର୍ ଓ ବାଥିଂ ପ୍ରଡକ୍ଟରେ ୧୦୦୦ ଡଲାର୍ ଖର୍ଚ୍ଚ କରନ୍ତି। କେଭିନ୍ କୁକୁର ଲୋମରେ ଏକ ପ୍ରକାର ନ୍ୟୁଟ୍ରିସିଅସ୍ ସଲ୍ୟୁଶନ୍ ସ୍ପ୍ରେ କରନ୍ତି, ଯଦ୍ୱାରାକି ଲୋମ ମସୃଣ ଓ ନରମ ହୁଏ। ତା'ପରେ ସେ ଲୋମରେ ଜଟ ନ ହେବା ଲାଗି ସେଥିରେ ଟାଲକମ୍ ବା ବେବି ପାଉଡର୍ ପକାଇ ବ୍ରଶ୍ କରନ୍ତି। ପ୍ରତିଦିନ ବି ସେ କୁକୁରକୁ ଗ୍ରୁମିଂ କରନ୍ତି। ଏଥିଲାଗି ସେ ଏକଘଣ୍ଟା ସମୟ ଦିଅନ୍ତି।











# -୫୨°ରେ ରେସ୍

ରୁଷିଆର ଓଇମ୍ୟାକନ୍ ଗାଁ ପରିଚିତ 'ୱାର୍ଲଡ୍‌ସ ପୋଲ୍ ଅଫ୍ କୋଲ୍ଡ' ଭାବେ। ଏହା ହେଉଛି ଜନବସତି ଥିବା ପୃଥିବୀର ସବୁଠାରୁ ଥଣ୍ଡା ଅଞ୍ଚଳ। ଶୀତଦିନେ ଏଠାକାର ତାପମାତ୍ରା -୫୦°ରୁ ବି କମ୍ ହୋଇଥାଏ। ଏଠି ଏତେ ମାତ୍ରାରେ ଥଣ୍ଡା ଅନୁଭୂତ ହୁଏ ଯେ, ଯଦି ଶରୀରର କୌଣସି ସ୍ଥାନ ଟିକେ ଖୋଲା ରହିଯାଏ ମାତ୍ର କେଇ ସେକେଣ୍ଡ ଭିତରେ ସେଠାରେ ବରଫ ଜମି ଫ୍ରଷ୍ଟବାଇଟ୍‌ର ଶିକାର ହୋଇଯାଏ। ଏମିତିକି ଥର୍ମୋମିଟରର ମର୍କ୍ୟୁରୀ ବି ଏଠି ଥଣ୍ଡାରେ ଜମାଟ ବାନ୍ଧିଯାଏ। ତେଣୁ ଏହି ସ୍ଥାନ ରହିବା ପାଇଁ ଅନୁପଯୁକ୍ତ। ତଥାପି କିଛି ଲୋକ ଏଠାରେ ରୁହନ୍ତି । ଏମିତି ଏକ ପରିବେଶରେ ୧୬ଜଣ ସାହସୀ ଦୌଡାଳି ସେଠାରେ ଯୋଗ ଦେଇଥିଲେ ରେସ୍ କରିବାକୁ। ସେମାନଙ୍କ ମଧ୍ୟରେ ଜଣେ ୨୧ ଓ ଆଉ ଜଣେ ୭୧ ବର୍ଷୀୟ ଆଥ୍‌ଲେଟ୍ ବି ଥିଲେ। ଗତ ୫ ଜାନୁୟାରୀରେ ୫,୧୦, ୨୦, ୩୦ ଓ ୪୨ କି.ମି.ର ଏହି ରେସ୍ ହୋଇଥିଲା। ରେସ୍ ଆରମ୍ଭରେ -୫୨° ସେ. ତାପମାତ୍ରା ଥିଲା। ରେସ୍‌ର ଅନ୍ତବେଳକୁ ୩୯ କି.ମି.ରେ ପହଞ୍ଚିଥିଲେ ଜଣେ ମାତ୍ର ଆଥ୍‌ଲେଟ୍। ଆଉ ସେତେବେଳକୁ ତାପମାତ୍ରା -୪୮° ଥିଲା। ଆଶ୍ଚର୍ଯ୍ୟର କଥା ରେସ୍ ଦେଖିବା ପାଇଁ ଏତେ ଥଣ୍ଡାରେ ବି ଅଷ୍ଟ୍ରେଲିଆ, ତାଇୱାନ,ଜାପାନ, ଭାରତ ଭଳି ବିଭିନ୍ନ ସ୍ଥାନରୁ ଅନେକ ଦର୍ଶକ ଆସିଥିଲେ।